**ଶିଶୁଅନନ୍ତ ସମ୍ମାନ ପାଇବେ ପୀତବାସ ରାଉତରାୟ**

ବାଲିପାଟଣା,(ଡି.ଏନ୍.ଏ.): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଶିଶୁଅନନ୍ତ ସମାଧିପୀଠରେ ରାଜ୍ୟସ୍ତରୀୟ ଶିଶୁଅନନ୍ତ ଜୟନ୍ତୀ ଡିସେମ୍ବର ୧୭ରେ ପାଳିତ ହେବ। ଗବେଷକ ପୀତବାସ ରାଉତରାୟଙ୍କୁ ଶିଶୁଅନନ୍ତ ସମ୍ମାନ, ଅଭିରାମ ସରସ୍ୱତୀଙ୍କୁ ବାବା ମଧୁସୂଦନ ସମ୍ମାନ, ପଦ୍ମଶ୍ରୀ ବଟକୃଷ୍ଣ ସାହୁଙ୍କୁ ବାଲିପାଟଣା ଗୌରବ ସମ୍ମାନ, ପ୍ରସନ୍ନ ମହାନ୍ତି ଓ ପୂର୍ଣ୍ଣ ଚନ୍ଦ୍ର ଜେନା ସାମ୍ବାଦିକ ଗୌରବ ସମ୍ମାନ, ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ବଡଭାଇ ନଦିଆବିହାରୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଓ ସଭାପତି ଅଭିମନ୍ୟୁ ନାୟକ ଜଣାଇଛନ୍ତି।






## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆୟକର ବିଭାଗ ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ଅବସରରେ ୱାକାଥନ କାର୍ଯ୍ୟକ୍ରମ 'ଟେକ୍ସାଥନ', ଆୟକର ଭବନ, ରାଜସ୍ୱ ବିହାର, ସକାଳ ୬ଟା ୩୦।
- ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଲି, ଲୋୟର ପିଏମ୍‌ଜି, ଅପରାହ୍ନ ୩ଟା ୩୦।
- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅକ୍ଷୟ ସାହିତ୍ୟ ଓ ସଙ୍ଗୀତ ସମ୍ମାନ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୩, ସନ୍ଧ୍ୟା ୬ଟା।

# ବଢ଼ିଲାନି ୱାର୍ଡ ସଂଖ୍ୟା, ସାମିଲ ହେଲା ୬ ପଞ୍ଚାୟତ

ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)

**ପୌର ନିର୍ବାଚନ ପାଇଁ ବିଏମ୍‌ସିର ସଂରକ୍ଷଣ ତାଲିକା**

ପଞ୍ଚାୟତ ପରେ ହେବ ପୌର ନିର୍ବାଚନ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ସଜବାଜ ଆରମ୍ଭ ହୋଇଗଲାଣି। ପ୍ରଥମ ପର୍ଯ୍ୟାୟରେ ବିଏମ୍‌ସିର ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏସମ୍ପର୍କରେ ବିଏମ୍‌ସି ପକ୍ଷରୁ ନଗର ଉନ୍ନୟନ ବିଭାଗକୁ ସଂରକ୍ଷଣ ଚିଠା ତାଲିକା ପ୍ରଦାନ କରାଯାଇଛି। ଫଳରେ ଚଳିତ ବର୍ଷ ମହାନଗର ନିଗମରେ ୱାର୍ଡ ସଂଖ୍ୟା ବଢ଼ିବା ନେଇ ଥିବା କଳ୍ପନାଜଳ୍ପନା ସମାପ୍ତ ହେବା ସହ ୱାର୍ଡ ସଂଖ୍ୟା ବଢ଼ିବ ନାହିଁ ବୋଲି ଜଣାପଡ଼ିଛି। ପୂର୍ବପରି ୬୭ରେ ବିଏମ୍‌ସିର ୱାର୍ଡ ସଂଖ୍ୟା ସୀମିତ ରହିବ। ତେବେ ବିଏମ୍‌ସିରେ ଉପକଣ୍ଠର ୬ଟି ପଞ୍ଚାୟତ ସାମିଲ ହୋଇଥିବାରୁ ଏଥର ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇବ। ୨୦୧୧ ଜନସଂଖ୍ୟା ଅନୁଯାୟୀ ନିର୍ବାଚନ କରାଯିବ। ସେହିପରି ମୋଟ ୱାର୍ଡ ମଧ୍ୟରୁ ୩ ଅନୁସୂଚିତ ଜନଜାତି, ୬ ଅନୁସୂଚିତ ଜାତି, ୧୮ ପଛୁଆ ବର୍ଗ ଓ ୨୦ ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଅବଶିଷ୍ଟ ୨୦ଟି ୱାର୍ଡ ଅଣସଂରକ୍ଷିତ ରହିଛି। ତେବେ ବିଏମ୍‌ସି ତାଲିକା ପ୍ରସ୍ତୁତ କରିଥିଲେ ବି ଏହା ଚୂଡ଼ାନ୍ତ ହେବା ପାଇଁ ବିଭାଗର ଅନୁମୋଦନ ଜରୁରୀ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏନେଇ ବିଚାରବିମର୍ଶ କରିବା ପରେ ଚୂଡ଼ାନ୍ତ ଚିଠା ତାଲିକା ପ୍ରକାଶ ପାଇବ। ତେବେ ସଂରକ୍ଷଣରେ ମହିଳାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହାବାଦ୍ କିଛି ୱାର୍ଡରେ ଲୋକ ସଂଖ୍ୟା ବୃଦ୍ଧିପାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସଂରକ୍ଷଣ ତାଲିକା ପ୍ରସ୍ତୁତ ହୋଇଛି।

ସୂଚନାଯୋଗ୍ୟ, ଅଧିକାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହେବା ନେଇ ଆଭାସ ମିଳୁଥିବାରୁ ଚଳିତ ବର୍ଷ ୫୦% ଆସନରେ ମହିଳାଙ୍କ ପ୍ରତିନିଧିତ୍ୱ ରହିବାର ସମ୍ଭାବନା ରହିଛି। ଗତ ନିର୍ବାଚନରେ ମହିଳାଙ୍କ ପାଇଁ ମୋଟ ୩୪ ଆସନ ସଂରକ୍ଷିତ ଥିବାବେଳେ ଚଳିତ ବର୍ଷ ମଧ୍ୟ ଏହି ସଂଖ୍ୟା ମୋଟ ଆସନର ୫୦% ରହିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ପଞ୍ଚାୟତ ସ୍ତରରେ ମଧ୍ୟ ମହିଳାଙ୍କ ନେତୃତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି। ସମାନ ଭାବେ ପୌରାଞ୍ଚଳରେ ମଧ୍ୟ ଏହି ଗଣିତ ବଜାୟ ରଖିବ ବୋଲି ଆଶା କରାଯାଉଛି। ବିଏମ୍‌ସିଠାରୁ ତାଲିକା ହସ୍ତଗତ ହେବା ପରେ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଏହାକୁ ପ୍ରକାଶ କରିବେ। ଏହା ପରେ ଲୋକଙ୍କଠାରୁ ଅଭିଯୋଗ ମଧ୍ୟ ଗ୍ରହଣ କରାଯିବ। ୱାର୍ଡ ସୀମା ଓ ସଂରକ୍ଷଣକୁ ନେଇ ଯଦି ଲୋକଙ୍କ ମଧ୍ୟରେ ବିବାଦ ଥିବ ତେବେ ସେମାନେ ନିଜର ଆପତ୍ତି ଜଣାଇବା ପରେ ରାଜ୍ୟ ସରକାର ଏହାକୁ ଗ୍ରହଣ କରିବେ। ତେବେ ୨୦ ଜାନୁୟାରୀ ୨୦୨୨ ପୂର୍ବରୁ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ପ୍ରଥମ ପର୍ଯ୍ୟାୟରେ ପାଇରାୟପୁର, କଳାରାହାଙ୍ଗ, ଭଗବାନପୁର, ସୁବୁଦ୍ଧିପୁର, ପାତ୍ରପଡ଼ା ଏବଂ ଶଙ୍କରପୁର ଭଳି ୬ଟି ପଞ୍ଚାୟତକୁ ସାମିଲ କରାଯାଇଛି।

## ନିୟମିତ ନ ହେଲେ ନିର୍ବାଚନ ବର୍ଜନ କରିବେ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଅଧୀନରେ ଚୁକ୍ତିଭିତ୍ତିରେ କାର୍ଯ୍ୟ କରୁଥିବା କନିଷ୍ଠ ଶିକ୍ଷକଙ୍କ ପ୍ରତି ଅବହେଳା କରାଯାଉଛି। ଦରମା ବୃଦ୍ଧି ହେଉ କିମ୍ବା ଠିକ୍ ସମୟରେ ନିୟମିତ କରିବା ଆଦି ବିଭିନ୍ନ କ୍ଷେତ୍ରରେ ସରକାର ବାରମ୍ବାର ଟାଳଟୁଳ ନୀତି ଅବଲମ୍ବନ କରି ଚାଲିଥିବା ରାଜ୍ୟ ବି.ଏଡ୍ କନିଷ୍ଠ ଶିକ୍ଷକ ସଂଘ ଅଭିଯୋଗ କରିଛି। ସଂଘ କହିଛି, ୨୦୧୫ରେ ନିଯୁକ୍ତ କନିଷ୍ଠ ଶିକ୍ଷକମାନେ ଚୁକ୍ତି ସମୟ ୬ ବର୍ଷ ପୂରଣ କରିବାର ୧୧ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ କରିଥିଲେ ମଧ୍ୟ ସରକାର ନିୟମିତ କରିବା ପ୍ରକ୍ରିୟାକୁ ଅହେତୁକ ବିଳମ୍ବ କରି ଚାଲିଛନ୍ତି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ ମଧ୍ୟ ବେଖାତିର କରି ଚାଲିଛନ୍ତି। ସରକାର ତୁରନ୍ତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ନ କଲେ ଆନ୍ଦୋଳନକୁ ଓହ୍ଲାଇବା ସହ କନିଷ୍ଠ ଶିକ୍ଷକମାନେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ସଂଘର ସାଧାରଣ ସମ୍ପାଦକ ରୂପେଶ କୁମାର ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଆଜିର ମହଙ୍ଗା ଯୁଗରେ ଅତି ସ୍ୱଳ୍ପ ଦରମାରେ କାମ କରୁଥିବା ୮୧୦୨ଜଣ ଶିକ୍ଷକ ନିୟମିତ ହେବାକୁ ଅପେକ୍ଷା କରିଥିବାବେଳେ ଆଉ କେତେଜଣ ଆରପାରିକୁ ଚାଲିଗଲେଣି। ସରକାର ସମସ୍ତ ବର୍ଗର କର୍ମଚାରୀଙ୍କ ସମସ୍ୟା ଶୁଣୁଥିବାବେଳେ କନିଷ୍ଠ ଶିକ୍ଷକଙ୍କ ପ୍ରତି ତୀବ୍ର ଅବହେଳା କରୁଥିବା ସଂଘ ସଭାପତି ସରୋଜ କୁମାର ପଣ୍ଡା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଏଏସ୍‌ଆଇ ମୃତ

**ଫୁଲନଖରା, ୧୬।୧୧(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଠାରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ଗାଡି ଧକ୍କାରେ ଜଣେ ମହିଳା ଏଏସ୍‌ଆଇଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ସଞ୍ଜୁକ୍ତା ସାହୁ ଓ ସେ ପାହାଳ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ସେ ଫାଣ୍ଡିରୁ କାର୍ଯ୍ୟ ସାରି ନିଜ ଘର କଟକ ଅଭିମୁଖେ ସ୍କୁଟିରେ ଯାଉଥିବାବେଳେ ପଛରୁ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଗାଡିଟି ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ଘଟଣା ଘଟାଇଥିବା ଗାଡିଟି ଫେରାର ହୋଇଯାଇଛି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସରୋଜ ନନ୍ଦଙ୍କୁ 'ପ୍ରାଣନାଥ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୧୬।୧୧:** ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୬ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣନାଥ ମାର୍ଗସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ସଂସ୍କୃତି ବିଭାଗର ଯନ୍ତ୍ରୀ ସରୋଜ କୁମାର ନନ୍ଦଙ୍କୁ 'ପ୍ରାଣନାଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସଂସ୍କୃତି ସୁରକ୍ଷା ଅନୁଷ୍ଠାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କହିଲେ, ପ୍ରାଣନାଥ ଥିଲେ ଏକାଧାରରେ ସାହିତ୍ୟିକ, ସାମ୍ବାଦିକ, ପୂର୍ବତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ଓ ରାଜ୍ୟ ଚାଷୀ ଆନ୍ଦୋଳନର କର୍ଣ୍ଣଧାର। ସେବା ଓ ତ୍ୟାଗ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲୀପ ଦାଶ ଶର୍ମା, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ସୁରେନ୍ଦ୍ର ନାଥ ଛୋଟରାୟ, ବି. ମୁରଲୀଧର, ଅମୂଲ୍ୟ ସ୍ୱାଇଁ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗଦେଇଥିଲେ। ସଂଯୋଜକ ବାପୁ ଓଝା ଧନ୍ୟବାଦ ଦେଇଥିଲେ।

# ଡାକଟିକଟ ସମ୍ମିଳନୀ 'ଏକାମ୍ରପେକ୍ସ' ଉଦ୍‌ଘାଟିତ



ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)

**'ବାପୁ'ଙ୍କ ଉପରେ ଆଧାରିତ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ**

ଭୁବନେଶ୍ୱର ଡାକମଣ୍ଡଳ ଦ୍ୱାରା ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ୍‌ଙ୍କ କାର୍ଯ୍ୟାଳୟର ରିକ୍ରିଏଶନ କ୍ଲବରେ ମଙ୍ଗଳବାର ଜିଲାସ୍ତରୀୟ ଡ଼ାକଟିକଟ ସମ୍ମିଳନୀ 'ଏକାମ୍ରପେକ୍ସ' ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉପରେ ପର୍ଯ୍ୟବସିତ। ଏହାକୁ ଡାକମଣ୍ଡଳର ନିର୍ଦ୍ଦେଶକ ଆଦିତ୍ୟ କୁମାର ନାୟକ ଉଦ୍‌ଘାଟନ କରି ଡାକଟିକେଟ ସଂଗ୍ରହର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ବାପୁ'ଙ୍କ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହୋଇଥିଲା। ଏକାମ୍ରକ୍ଷେତ୍ର ପର୍ଯ୍ୟବସିତ ଛବି ପୋଷ୍ଟକାର୍ଡ ରଦ୍ଦକରଣ ସହିତ ଅନାବରଣ କରାଯାଇଥିଲା। 'ଆଜାଦୀ କା ଅମୃତ ମହୋତ୍ସବ' ଉପରେ ଏକ ସ୍ୱତନ୍ତ୍ର ରଦ୍ଦକରଣ ଏହି ସମ୍ମିଳନୀରେ ସ୍ଥାନ ପାଇଥିଲା। ସେହିପରି ଏକାମ୍ରପେକ୍ସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଷ୍ଟାମ୍ପ ଡିଜାଇନିଂ, ଓଡ଼ିଆ ଓ ଇଂଲିଶ ପତ୍ରଲିଖନ ଏବଂ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ୨୭ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୧୧୮ଟି ଡାକଟିକଟ ପ୍ରଦର୍ଶିତ ହୋଇଥିଲା। ଡାକମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ୍ କୁମାର ସେଠୀ, ବିଜେଇଏମ୍ ସ୍କୁଲ-୨ର ପ୍ରିନ୍ସିପାଲ କ୍ଷଣିକା ଦାସ ଏବଂ ଫିଲାଟେଲିଷ୍ଟ ଅନୁପ କୁମାର ରାଉତ ଯୋଗଦେଇଥିଲେ। ସହଅଧୀକ୍ଷକ ଦେବବ୍ରତ ଜେନା ଧନ୍ୟବାଦ ଦେଇଥିଲେ।

# କମିଶନରେଟ ପୋଲିସରେ ଅଦଳବଦଳ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

କଟକ-ଭୁବନେଶ୍ୱର କମିଶନରେଟ ପୋଲିସରେ ମଙ୍ଗଳବାର ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। କମିଶନରେଟ ମୁଖ୍ୟାଳୟରେ ଅବସ୍ଥାପିତ ବିଭୁଦତ୍ତ ରାଉତରାୟଙ୍କୁ ଏୟାରପୋର୍ଟ ଥାନାକୁ ବଦଳି କରାଯାଇଥିବାବେଳେ ବିଜୟ କୁମାର ବାରିକଙ୍କୁ ଶହୀଦନଗର ଥାନା, ପ୍ରିୟଦର୍ଶିନୀ ନନ୍ଦଙ୍କୁ କ୍ୟାପିଟାଲ ଥାନା, ସନ୍ତୋଷିନୀ ବେହେରାଙ୍କୁ ଭୁବନେଶ୍ୱର ମହିଳା ଥାନା, ଚିତ୍ତରଞ୍ଜନ ରାଉତଙ୍କୁ ଭରତପୁର ଥାନାକୁ ବଦଳି କରାଯାଇଛି। ସେହିପରି କ୍ୟାପିଟାଲ ଥାନାରେ ଅତିରିକ୍ତ ଆଇଆଇସି ଭାବେ କାର୍ଯ୍ୟରତ ଶୁଭଶ୍ରୀ ପଣ୍ଡାଙ୍କୁ ଭୁବନେଶ୍ୱର ୟୁପିଡି ଏବଂ କମିଶନରେଟ ମୁଖ୍ୟାଳୟରେ କାର୍ଯ୍ୟରତ ପ୍ରମୋଦ କୁମାର ଲେଙ୍କା ଓ ଚନ୍ଦ୍ରିକା ସ୍ୱାଇଁଙ୍କୁ କଟକ ୟୁପିଡିକୁ ବଦଳି କରାଯାଇଛି। ପ୍ରଶାସନିକ ଆବଶ୍ୟକତା ଏବଂ ଲୋକମାନଙ୍କ ସ୍ୱାର୍ଥ ପାଇଁ ଏମାନଙ୍କୁ ଅତିରିକ୍ତ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଜଣାଇଛନ୍ତି।

## ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇଙ୍କୁ ରାଜ୍ୟ ସରକାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଅବସ୍ଥାପିତ କରିଛନ୍ତି। ମଙ୍ଗଳବାର ବିଭାଗ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଚିବ ପ୍ରବୋଧ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କୁଆଖାଇରୁ ମିଳିଲା ଅଟୋ ଡ୍ରାଇଭରଙ୍କ ମୃତଦେହ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**ରବିବାରଠାରୁ ନିଖୋଜ ଥିଲେ, ହତ୍ୟା ଅଭିଯୋଗ**

ମଞ୍ଚେଶ୍ୱର ଥାନା ହଂସପାଳ ନିକଟ କୁଆଖାଇ ନଦୀରୁ ମଙ୍ଗଳବାର ଭାସୁଥିବା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଜବତ କରିଛି। ମୃତକ ହେଲେ ନହରକଣ୍ଟାରେ ରହୁଥିବା ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ସୁରେଶ ଆଦାକ୍ (୨୮)। ସେ ଅଟୋ ଡ୍ରାଇଭର ଭାବେ କାମ କରୁଥିବାବେଳେ ଗତ ରବିବାରଠାରୁ ନିଖୋଜ ଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତକଙ୍କ ମୁଣ୍ଡରେ କ୍ଷତଚିହ୍ନ ରହିଥିବାରୁ ହତ୍ୟା ସନ୍ଦେହ କରାଯାଉଛି। ଏପଟେ ସୁରେଶଙ୍କୁ ସାଙ୍ଗମାନେ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୪/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ ଯୁବକଙ୍କର ପାଣିରେ ବୁଡି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ଠିକ୍‌ଭାବେ ତଦନ୍ତ ନ କରି ଘଟଣାକୁ ଚାପି ଦେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଯଦି ସୁରେଶ ଗାଧୋଇବାକୁ ନଦୀକୁ ଯାଇଥିଲେ, ତେବେ ପୋଷାକ ଓହ୍ଲାଇଥାନ୍ତେ। ସେ ଫୁଲ୍ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିବାବେଳେ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ହତ୍ୟା କରାଯାଇ ନଦୀକୁ ଫିଙ୍ଗି ଦିଆଯାଇଥିବା ସନ୍ଦେହ ଅଧିକ ଦୃଢୀଭୂତ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ରବିବାର ପ୍ରାୟ ୨ଟା ବେଳେ ସୁରେଶ ସାଙ୍ଗମାନଙ୍କ ସହ କୁଆଖାଇ ନଦୀକୁ ଗାଧୋଇବାକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହିଥିଲେ। ତେବେ ଦୀର୍ଘସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା (ନଂ.୮୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନଦୀପଠାରେ ପଚରାଉଚରା କରି ଫେରି ଆସିଥିଲା। ମଙ୍ଗଳବାର ସ୍ଥାନୀୟ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ମନ୍ଦିରରେ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଖଣ୍ଡଗିରି ଥାନା ଡୁମୁଡୁମା ଫେଜ୍-୪ସ୍ଥିତ ରାମ ମନ୍ଦିରରେ ମଙ୍ଗଳବାର ଲିଟୁ ଲାଇଟ୍ ଲଗାଇବାବେଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ କଳାପଥର ଥାନାଞ୍ଚଳର ପପୁନ ଦାସ(୧୯)। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୪୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପପୁନ ଡୁମୁଡୁମାରେ ରହି ରଙ୍ଗମିସ୍ତ୍ରି ଭାବେ କାମ କରୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମଧ୍ୟାହ୍ନରେ ସ୍ଥାନୀୟ ରାମ ମନ୍ଦିରରେ ଲିଟୁ ଲଗାଉଥିବାବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତଳକୁ ଖସି ପଡିଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସିଂହୀ, ବଜ୍ରକାପ୍ତା ସ୍ୱାସ୍ଥ୍ୟ ଯାଞ୍ଚ

ବାରଙ୍ଗ,୧୬।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ଓୟୁଏଟି ପ୍ରସୂତି, ଶଲ୍ୟ ଓ ମେଡିସିନ ବିଭାଗର ଡାକ୍ତରୀ ବିଶେଷଜ୍ଞ ଦଳ ମଙ୍ଗଳବାର ନନ୍ଦନକାନନରେ ସିଂହୀ ରାଧା ଏବଂ ବଜ୍ରକାପ୍ତାଙ୍କ ପ୍ରଜନନ ଓ ସ୍ୱାସ୍ଥ୍ୟ ସମସ୍ୟାର ତଦାରଖ କରିଥିଲେ। ୨୦୧୭ରୁ ସିଂହୀ ରାଧା ଗର୍ଭବତୀ ନ ହେବା ବିଷୟ ବିଶେଷଜ୍ଞ ଦଳ ଯାଞ୍ଚ କରିଥିଲେ। ଏଥିସହିତ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ବୁଲି ତାଙ୍କ ପ୍ରଜନନ କେନ୍ଦ୍ରର ଠିକ ତାପମାତ୍ରା ଓ ଖାଦ୍ୟ ଦେବାର ପ୍ରଣାଳୀକୁ ଯାଞ୍ଚ କରିଥିଲେ। ଏହି ଦଳରେ ପ୍ରସୂତି ବିଭାଗ ଡା. ବିଜୟା ଗୁପ୍ତା, ଡା. ପୂର୍ଣ୍ଣ, ଶଲ୍ୟ ବିଭାଗର ଡା.ଇନ୍ଦ୍ରମଣି ନାଥ, ମେଡିସିନ ବିଭାଗର ପ୍ରଫେସର ଡା. ସଂଗ୍ରାମ, ଡା. ଗୀତାଙ୍କ ସହ ନନ୍ଦନକାନନର ଡାକ୍ତରୀ ଦଳ ସାମିଲ ଥିଲେ। ମୁଖ୍ୟତଃ ସିଂହୀ ରାଧାର ପ୍ରଜନନ ଓ ୧୦ଟି ବଜ୍ରକାପ୍ତା ଖାଦ୍ୟ ନ ଖାଇବା ସାଙ୍ଗକୁ ଆଳସ୍ୟର ନିରାକରଣ ଏବଂ ରହିବା ସ୍ଥାନ ଆଦ୍ର ରଖିବାକୁ ପରାମର୍ଶ ଦେଇଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର, ସହକାରୀ ବନ ସଂରକ୍ଷକ(ଏସିଏଫ୍) ଶରତ ଚନ୍ଦ୍ର ବେହେରାଙ୍କ ସମେତ ଜନ୍ତୁ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କଟକରେ ଆମ୍ରି ସୁପରସ୍ପେଶାଲିଟି କ୍ଲିନିକ



କଟକ ଅଫିସ,୧୬।୧୧

ଆମ୍ରି ହସ୍ପିଟାଲସର ଯୋଗାଯୋଗ କେନ୍ଦ୍ର ଏବଂ ସୁପର ସ୍ପେଶାଲିଟି କ୍ଲିନିକ କଟକରେ ଖୋଲିଛି। ଲିଙ୍କ୍‌ରୋଡସ୍ଥିତ ଗ୍ରାଣ୍ଡ୍ ଡାଇଗ୍ନୋଷ୍ଟିକ କ୍ଲିନିକରେ ମଙ୍ଗଳବାର ଏହାର ଶୁଭାରମ୍ଭ କରାଯାଇଛି। କଟକ ଓ ଆଖପାଖରେ ରହୁଥିବା ଲୋକଙ୍କ ପାଇଁ ଡାକ୍ତରୀ ପରାମର୍ଶ ସହ କ୍ଲିନିକାଲ ସେବା ପ୍ରଦାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଆମ୍ରି ହସ୍ପିଟାଲ୍ସର ଗ୍ରୁପ ସିଇଓ ରୂପକ ବରୁଆ କହିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଆମ୍ରି ହସ୍ପିଟାଲ୍ସ ଓ ଗ୍ରାଣ୍ଡ୍ ଡାଇଗ୍ନୋଷ୍ଟିକ ଏବଂ କ୍ଲିନିକର ଏହି ସହଯୋଗିତା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି କହିଛନ୍ତି। ହସ୍ପିଟାଲର ଭୁବନେଶ୍ୱର ୟୁନିଟ୍ ମୁଖ୍ୟ ନିଲଞ୍ଜନା ମୁଖାର୍ଜୀ, ଗ୍ରାଣ୍ଡ୍ ଡାଇଗ୍ନୋଷ୍ଟିକ ଏବଂ କ୍ଲିନିକର ସ୍ୱତ୍ୱାଧିକାରୀ ନବୀନ ମହାନ୍ତି, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସିଦ୍ଧାର୍ଥ ମିଶ୍ର ଉପସ୍ଥିତ ଥିଲେ।

# ରୂପାନ୍ତରଣ ରାଜ୍ୟର ଶିକ୍ଷା ମୂଳଦୁଆକୁ ସୁଦୃଢ଼ କରିଛି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**'ସାଥ୍' ପ୍ରକଳ୍ପକୁ ନେଇ ଜାତୀୟ ୱେବିନାର**



ୱେବିନାରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

'ସାଥ୍' ପ୍ରକଳ୍ପକୁ ନେଇ ନୀତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଜାତୀୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ସାଥ୍' ପରିଚାଳିତ ତିନୋଟି ରାଜ୍ୟ ଯଥା ଓଡ଼ିଶା, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ରାଜ୍ୟର ଶିକ୍ଷାମନ୍ତ୍ରୀଙ୍କ ସହ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ ଦେଶର ବିଶିଷ୍ଟ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଲେ, ଗୁଣାତ୍ମକ ଶିକ୍ଷା ଅଧିକାର ଉପରେ ଆମେ ଦୃଢ଼ତାର ସହିତ ବିଶ୍ୱାସ ରଖି ଆସିଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମଗ୍ର ବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱ ଦେଇ ଆସୁଛନ୍ତି। 'ସାଥ୍'ର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ନିୟମିତ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଶିକ୍ଷା ମୂଳଦୁଆକୁ ସୁଦୃଢ଼ କରିପାରିଛି। ଏହି ଅବସରରେ, ମନ୍ତ୍ରୀ ଦାଶ 'ସିଷ୍ଟମିକ୍ ଟ୍ରାନ୍ସଫର୍ମେଶନ ଅଫ୍ ସ୍କୁଲ ଏଜୁକେଶନ-ଦି ସାଥ୍-ଇ ଏକ୍ସପେରିଏନ୍ସ' ରିପୋର୍ଟକୁ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ମତ ରଖିଥିଲେ। ରାଜ୍ୟ ସରକାର ସମ୍ପ୍ରତି କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଅନେକ ଲକ୍ଷ୍ୟ ରଖିଛନ୍ତି, ଯାହାକି ଏହି 'ସାଥ୍' ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବନ୍ଧୀୟ ପାଠ୍ୟକ୍ରମର ଉନ୍ନତୀକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗକୁ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ଏଫ୍‌ଏଲ୍‌ଏନ୍, ଏଲ୍‌ଇପି ଏବଂ ବୋର୍ଡ ଅଫ୍ ଏକ୍ସିଲେନ୍ସି ଆଦି କାର୍ଯ୍ୟକ୍ରମ ହେବାର ଅଛି। ଯୋଜନାଗୁଡ଼ିକର ଠିକ୍ ତଦାରଖ ସହ ଉଚିତ୍ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ରଜନୀ ଜାନୀ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ସହ ନିର୍ଦ୍ଦେଶକ ଦୀପକ ରାୟଙ୍କ ସମେତ ବିସିଜି ଏବଂ ପିରାମଲ ଫାଉଣ୍ଡେଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ସଂକ୍ଷେପରେ

### ଶିଶୁଅନନ୍ତ ସମ୍ମାନ ପାଇବେ ପୀତବାସ ରାଉତରାୟ

**ବାଲିପାଟଣା,୧୬।୧୧(ଡି.ଏନ୍.ଏ.):** ରାଜ୍ୟସ୍ତରୀୟ ଶିଶୁଅନନ୍ତ ଜୟନ୍ତୀ ଡିସେମ୍ବର ୧୭ରେ ପାଳିତ ହେବ। ଜଗନ୍ନାଥଙ୍କ ଉପରେ ଗବେଷଣା କରିଥିବା ଗବେଷକ ପୀତବାସ ରାଉତରାୟଙ୍କୁ ଶିଶୁଅନନ୍ତ ସମ୍ମାନ, ଅଭିରାମ ସରସ୍ୱତୀଙ୍କୁ ବାବା ମଧୁସୂଦନ ସମ୍ମାନ, ପଦ୍ମଶ୍ରୀ ବଟକୃଷ୍ଣ ସାହୁଙ୍କୁ ବାଲିପାଟଣା ଗୌରବ ସମ୍ମାନ, ପ୍ରସନ୍ନ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଜେନା ସାମ୍ବାଦିକ ଗୌରବ ସମ୍ମାନ, ଶିଶୁ ସାହିତ୍ୟିକ ନୀଳମଣି ଚାନ୍ଦଙ୍କୁ ବଡଭାଇ ନଦିଆବିହାରୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଶିଶୁଅନନ୍ତ ସମାଧିପୀଠରେ କାର୍ଯ୍ୟକ୍ରମ ସମ୍ପାଦନ ହେବ ବୋଲି ଶିଶୁଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ପ୍ରେସ ବିବୃତିରେ ଜଣାଇଛନ୍ତି। ପଞ୍ଚସଖା ଶିଶୁଅନନ୍ତ ଦାସଙ୍କ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସାଧାରଣଜନତା ଯୋଗଦେବା ପାଇଁ ଅନୁଷ୍ଠାନର ସଭାପତି ଅଭିମନ୍ୟୁ ନାୟକ ନିବେଦନ କରିଛନ୍ତି।

### ଭାଷାଭାବର ସାମନ୍ତ ଥିଲେ ଭକ୍ତଚରଣ

**ବୋଲଗଡ଼,୧୬।୧୧(ଡି.ଏନ୍.ଏ.):** ବୈଷ୍ଣବ କବି ଭକ୍ତଚରଣ ଦାସଙ୍କ ମହାପ୍ରୟାଣ ଉତ୍ସବ ବୋଲଗଡ଼ ବ୍ଲକ ସାନପଦର ଗ୍ରାମରେ ପାଳିତ ହୋଇଯାଇଛି। ଭକ୍ତଚରଣ ସାଂସ୍କୃତିକ ସଂସଦ ସମ୍ପାଦକ ଶ୍ରୀକାନ୍ତ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୃପାସିନ୍ଧୁ ମିଶ୍ର ଯୋଗଦେଇ ଭକ୍ତ ଚରଣଙ୍କ କୃତୀ ଓ କୀର୍ତ୍ତି କିପରି ରୀତିଯୁଗୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିବା ନେଇ ଆଲୋକପାତ କରିଥିଲେ। ଭକ୍ତ ଚରଣଙ୍କୁ ଭାଷା ଭାବର ସାମନ୍ତ ବୋଲି ଅଭିହିତ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ରାମଚନ୍ଦ୍ର ସାହୁ ଯୋଗଦେଇ ବାଣୀ ସାଧନା କ୍ଷେତ୍ରରେ ସାନପଦରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଅତିଥିଭାବେ ସଭାପତି ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା, ତ୍ରିଲୋଚନ ମହାନ୍ତି, ପ୍ରଫୁଲ୍ଲ ସିଂହ, ରେଣୁବାଳା ସାହୁ, ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଜୁନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।

### ଗଣମାଧ୍ୟମ ଗଣତନ୍ତ୍ରକୁ ସୁଦୃଢ଼ କରେ

**ଖୋର୍ଦ୍ଧା ଅଫିସ,୧୬।୧୧:** ଗଣମାଧ୍ୟମ ଗଣତନ୍ତ୍ରକୁ ସୁଦୃଢ଼ ଓ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଦେଶ ବିଦେଶ ଘଟୁଥିବା ଘଟଣା ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସେମାନଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଦ୍ୱାରା ଗଣମାଧ୍ୟମ ଉପରେ ବିଶ୍ୱସନୀୟତା ବଢିଥାଏ ବୋଲି ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ପକ୍ଷରୁ ମଙ୍ଗଳବାର ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହା କହିଛନ୍ତି। ଏଥିରେ ସଂଘ ଜିଲା ସଭାପତି ପ୍ରଭାତ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ପ୍ରଫେସର ନାରାୟଣ ରାଓ ସ୍ୱାଧୀନତା ପୂର୍ବ ଏବଂ ପରେ ଗଣମାଧ୍ୟମର ଏକ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଖବର ପରିବେଷଣ ବେଳେ ଇଂଲିଶ ଶବ୍ଦ ବ୍ୟବହାର ପରିବର୍ତ୍ତେ ଆକ୍ଷରିକ ଓଡ଼ିଆ ଶବ୍ଦ ବ୍ୟବହାର ଲାଗି ପରାମର୍ଶ ଦେଇଥିଲେ। ଏସ୍‌ପି ରାଜକିଶୋର ଦୋରା ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉମାଶଙ୍କର ପ୍ରସାଦ ଅତିଥି ପରିଚୟ, ଜିଲା ସଭାପତି ପ୍ରଭାତ ମିଶ୍ର ସ୍ୱାଗତ ଭାଷଣ, ସମ୍ପାଦକ ସତ୍ୟ ନାରାୟଣ ପାଇକରାୟ ଧନ୍ୟବାଦ ଦେଇଥିଲେ। ଡା.ଶ୍ୱେତାଙ୍କ ଦାସ, ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ପ୍ରଭାତ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବଜ୍ରକାପ୍ତା ମରିଗଲା, ବନ ବିଭାଗ ପାଇଲା କାତି

**ଭୁବନେଶ୍ୱର,(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ, ୧୬।୧୧**

ଜୀବନ୍ତ ବଜ୍ରକାପ୍ତା ପାଇଁ ଡିଲ୍ ହୋଇଥିଲା, ହେଲେ ଚଢ଼ାଉ ପୂର୍ବରୁ ତାହା ମରିଯିବାରୁ ବନ ବିଭାଗ କାତି ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଧଳା ପଥର ଅଞ୍ଚଳରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୁଣ୍ଡିଚା ଖୁଣ୍ଟିଆ ଓ ରାଜୁ ଖୁଣ୍ଟିଆ। ସେମାନଙ୍କଠାରୁ ୪ କେଜି ବଜ୍ରକାପ୍ତା କାତି ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ, ବଜ୍ରକାପ୍ତା କାରବାର ସଂକ୍ରାନ୍ତରେ ସୂଚନା ପାଇବା ପରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଗତ ୩ ଦିନ ଧରି ଯୋଜନା ହୋଇଥିଲା। ପ୍ରଥମେ ଉକ୍ତ ବେପାରୀଙ୍କ ସହ ଯୋଗାଯୋଗ କରାଯାଇ ଜୀବନ୍ତ ବଜ୍ରକାପ୍ତା କିଣିବା ପାଇଁ ଡିଲ୍ ହୋଇଥିଲା। ତେବେ ସୋମବାର ବଜ୍ରକାପ୍ତାଟି ମରିଯିବାରୁ ଜୀବନ୍ତ ବିକ୍ରି କରିପାରି ନ ଥିଲେ। ଅଭିଯୁକ୍ତମାନେ ସେଥିରୁ କାତିକୁ ବାହାର କରି ବିକ୍ରି ପାଇଁ ସମ୍ପୃକ୍ତ ଗ୍ରାହକଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳବାର ସକାଳୁ ଖୋର୍ଦ୍ଧା ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ୩ଟି ଟିମ୍ ଗଠନ ହୋଇଥିଲା। ପ୍ରଥମ ଟିମ୍‌ର ଖୋର୍ଦ୍ଧା ଏସିଏଫ୍ ଅରବିନ୍ଦ ମହାନ୍ତି ଓ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଗ୍ରାହକ ହୋଇ ବଜ୍ରକାପ୍ତା କାତି କିଣିବା ପାଇଁ ମୂଳଚାଲ ନିମନ୍ତେ ସେଠାରେ ପହଞ୍ଚିଥିଲେ। ଦ୍ୱିତୀୟ ଟିମ୍‌ରେ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ ନିଜ ଟିମ୍ ଧରି ପ୍ରଥମ ଟିମ୍‌କୁ କଭର କରି ରହିଥିଲେ। ତୃତୀୟ ଟିମ୍‌ରେ ଖୋର୍ଦ୍ଧା ରେଞ୍ଜର ଅସିତ ମିଶ୍ର କିଛି ଦୂରରେ ଅପେକ୍ଷା କରି ଚଢ଼ାଉ

## ୪ କେଜି କାତି ଜବତ, ୨ ଗିରଫ



ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲେ। ରାତି ପ୍ରାୟ ୭ଟାରେ ଅଭିଯୁକ୍ତ ଦୁଇଜଣ ସହଯୋଗୀଙ୍କ ସହିତ ଏକ ସିମେଣ୍ଟ ଅଖାରେ ବଜ୍ରକାପ୍ତା କାତି ଆଣି ଅରବିନ୍ଦ ମହାନ୍ତିଙ୍କ ଟିମ୍‌କୁ ଦେଖେଇବାବେଳେ ଦ୍ୱିତୀୟ ଟିମ୍ ଚଢ଼ାଉ କରିଥିଲା। ତେବେ ଜଣେ ଅଭିଯୁକ୍ତ ଧାନ ବିଲରେ ପଶି ଦୌଡ଼ି ପଳେଇବା ପାଇଁ ଚେଷ୍ଟା କରିବାରୁ ତାଙ୍କୁ ଧରିବାକୁ ବନ ବିଭାଗକୁ ନାକେଦମ୍ ହେବାକୁ ପଡିଥିଲା। ବିଲ ଭିତରେ କାବୁ ସମୟରେ ଅଭିଯୁକ୍ତ ଜଣକ ବନ ବିଭାଗର ଜଣେ ଡ୍ରାଇଭରଙ୍କ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲେ। ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତମାନେ କେଉଁଠୁ ଜୀବନ୍ତ ବଜ୍ରକାପ୍ତାଟିକୁ ଆଣିଥିଲେ, କେମିତି ତାହା ମରିଗଲା, କିଏ ତାକୁ କାଟି ତା'ର କାତି ସବୁକୁ ବାହାର କଲା ଓ ଏହି ର୍‍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏସବୁର ତଦନ୍ତ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ମନ୍ଦିରରେ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଡୁମୁଡୁମା ଫେଜ୍-୪ସ୍ଥିତ ରାମ ମନ୍ଦିରରେ ମଙ୍ଗଳବାର ଲିଟୁ ଲାଇଟ୍ ଲଗାଇବାବେଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ କଳାପଥର ଥାନାଞ୍ଚଳର ପପୁନ ଦାସ(୧୯)। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୪୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପପୁନ ଡୁମୁଡୁମାରେ ରହି ରଙ୍ଗମିସ୍ତ୍ରି ଭାବେ କାମ କରୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମଧ୍ୟାହ୍ନରେ ସ୍ଥାନୀୟ ରାମ ମନ୍ଦିରରେ ଲିଟୁ ଲଗାଉଥିବାବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତଳକୁ ଖସି ପଡିଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




**ଖୋର୍ଦ୍ଧା ଅଫିସ,୧୬।୧୧**

### ଆୟୁଷ୍ମାନ ଭାରତ ବୀମା ଯୋଜନାରେ ଇପିଏଫ୍ ପେନ୍‌ସନ ଭୋଗୀଙ୍କୁ ସାମିଲ କରାଯାଉ

ଇପିଏଫ୍ ପେନ୍‌ସନ ଭୋଗୀଙ୍କ ସର୍ବଭାରତୀୟ ସଙ୍ଗଠନ ଏବଂ ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ସର୍ବନିମ୍ନ ମାସିକ ପେନ୍‌ସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ଏବଂ ସମସ୍ତ ଇପିଏଫ୍ ପେନଶନ ଭୋଗୀଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ଲାଗି ଦାବି କରିଥିଲେ। ୧୯୯୫ ନଭେମ୍ବର ୧୬ରେ କେନ୍ଦ୍ର ସରକାର ଲାଗୁ କରିଥିବା ଇପିଏଫ-୯୫ ଯୋଜନାକୁ ଇତି ମଧ୍ୟରେ ୨୬ବର୍ଷ ପୂରିଲାଣି। ତେବେ ଓଡ଼ିଶାରେ ୧ଲକ୍ଷ ୬୨ହଜାର ହଜାର ପେନ୍‌ସନ ଭୋଗୀଙ୍କ ସମେତ ସର୍ବଭାରତୀୟ ସ୍ତରରେ ୬୭ଲକ୍ଷ ପରିବାର ସାମାଜିକ ଆର୍ଥିକ ସୁରକ୍ଷାରୁ ବଞ୍ଚିତ ହୋଇ ହଇରାଣ ହେଉଛନ୍ତି ବୋଲି ପ୍ରତିବାଦ ସଭାରେ ମତପ୍ରକାଶ ପାଇଛି। ପରେ ଏକ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ବିଜୟ କୁମାର ଜେନା, ସମ୍ପାଦକ ମାୟାଧର ମଲିକା, ରାଜ୍ୟ ସମ୍ପାଦକ ଭାଗ୍ୟଧର ମଲିକ, ପ୍ରଫୁଲ୍ଲ କୁମାର ଦାଶ, ବିକ୍ରମ ଛୋଟରାୟ, ସଚ୍ଚିଦାନନ୍ଦ ସାମନ୍ତରାୟ, ମିହିର ରାଏ, ନବକିଶୋର ରଣା, ସୁରେନ୍ଦ୍ର ନାରାୟଣ ପାଲ, ଗୋପବନ୍ଧୁ ଦାଶ, ବିନାୟକ ପଟ୍ଟନାୟକ, ଅର୍ଚ୍ଚନା ପଟ୍ଟନାୟକ, ସନାତନ ପରିଡା, ଆରତୀ ବେହେରା, ପ୍ରଭାତି ମଲ୍ଲଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଶିକ୍ଷାର ପ୍ରଗତିରେ ପ୍ରାଣନାଥଙ୍କ ଭୂମିକା ଅତୁଳନୀୟ

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୬।୧୧ (ଡି.ଏନ୍.ଏ.)**

ପ୍ରାଣନାଥ ସ୍ମୃତି ସଂସଦ ପକ୍ଷରୁ ଖୋର୍ଦ୍ଧା ଠାରେ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ତଥା ସାମାଜିକ କର୍ମୀ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସମବାୟ ଛକସ୍ଥିତ ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଣନାଥଙ୍କ ସ୍ମୃତିଚାରଣ କରିଥିଲେ। ଉତ୍କଳ ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି କ୍ଷୀରୋଧ ପ୍ରସାଦ ମହାନ୍ତି ଅତିଥିଭାବେ ଯୋଗଦେଇ କହିଥିଲେ, ସେ ଏକାଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ, ରାଜନେତା ଥିଲେ। ଓଡ଼ିଶାରେ ସମାଜବାଦୀ ଓ କୃଷକ ଆନ୍ଦୋଳନର କର୍ଣ୍ଣଧାର ସାଜିଥିଲେ। ଶିକ୍ଷାର ପ୍ରଗତି ନିମନ୍ତେ ପ୍ରାଣନାଥ ୧୯୪୫ ମସିହାରେ ଜଟଣୀ ହାଇସ୍କୁଲ ଏବଂ ୧୯୫୯ରେ ଖୋର୍ଦ୍ଧାରେ ପି.ଏନ୍ କଲେଜ ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ରଞ୍ଜିତା ସେଠୀ, ଶରତ ଦୋରା, ଗୋପାଳ କୃଷ୍ଣଦାସ, ନରେନ୍ଦ୍ର ପୃଷ୍ଟି, ବିଚିତ୍ର ବଡ଼ଜେନା, ଶିଶିର ପରିଡ଼ା, ବିକ୍ରମ ଚମ୍ପତି, ବିଜୟ ସାମନ୍ତସିଂହାର, ବସନ୍ତ ଦାସ, ବୃନ୍ଦାବନ ପଣ୍ଡା, ବିମଳ ଷଡ଼ଙ୍ଗୀ, ପ୍ରଫୁଲ୍ଲ ସାମନ୍ତରାୟ, ବୈକୁଣ୍ଠ ନାଥ ରାଜଗୁରୁ, ଜ୍ଞାନ ଦାଶ, ଜବାହରଲାଲ ସୁବୁଦ୍ଧି, ଇତିଶ୍ରୀ ସାହୁ, ନସିମୁଦ୍ଦିନ୍ ଖାଁ, ରାମଶଙ୍କର, ଉମାଶଙ୍କର ପ୍ରସାଦ, ବାଶା ଖାନ୍, ଏମ୍.ଡି.କାଲାମ, ଶୁଭ୍ରାଂଶୁ ସାମନ୍ତରାୟ, ପ୍ରମୋଦ ଦାସ, ଗିରିଶ ଚନ୍ଦ୍ର ପଟ୍ଟନାୟକ, ବିପ୍ର ବେହେରା, ପ୍ରଦୋଷ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିଏନ୍ କଲେଜ ଆନୁକୂଲ୍ୟରେ ପ୍ରାଣନାଥଙ୍କ ଜୀବନ ଦର୍ଶନ ଓ ସାହିତ୍ୟ ଅନୁଚିନ୍ତନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ରଞ୍ଜିତା ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗୋପାଳକୃଷ୍ଣ ଦାସ ବକ୍ତା ଭାବେ ଯୋଗଦେଇ ପ୍ରାଣନାଥଙ୍କ ଜୀବନୀ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଡ.ଅଜନ୍ତା ଶତପଥୀ, ଡ.ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରାଣନାଥଙ୍କ କଲେଜ ପ୍ରତିଷ୍ଠା ଏବଂ ଶିକ୍ଷାର ପ୍ରଗତି ପାଇଁ ତାଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଚିରଞ୍ଜୀବ ବିଶୋଇ ଧନ୍ୟବାଦ ଦେଇଥିଲେ। ଜଟଣୀ ପ୍ରାଣନାଥ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରାଣନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଫାଉଣ୍ଡେଶନ ଅଧ୍ୟକ୍ଷ ଅବନୀ ରାଉତରାୟଙ୍କ ନେତୃତ୍ୱରେ ସସ୍ମିତା ଦାସ, ଜବାହରଲାଲ ସୁବୁଦ୍ଧି, ଭଗବାନ ଛୋଟରାୟ, ସରୋଜିନୀ ଦାସ, ସୁଶାନ୍ତ ରାଉତ, ପ୍ରତିମା ସ୍ୱାଇଁ ଯୋଗଦେଇଥିଲେ।




ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅବସରରେ ଅତିଥି ଓ ଅନ୍ୟମାନେ।

### ସରୋଜ ନନ୍ଦଙ୍କୁ 'ପ୍ରାଣନାଥ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୧୬।୧୧**

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୬ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣନାଥ ମାର୍ଗସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ସଂସ୍କୃତି ବିଭାଗର ଯନ୍ତ୍ରୀ ସରୋଜ କୁମାର ନନ୍ଦଙ୍କୁ 'ପ୍ରାଣନାଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସଂସ୍କୃତି ସୁରକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କହିଲେ, ପ୍ରାଣନାଥ ଥିଲେ ଏକାଧାରରେ ସାହିତ୍ୟିକ, ସାମ୍ବାଦିକ, ପୂର୍ବତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ଓ ରାଜ୍ୟ ଚାଷୀ ଆନ୍ଦୋଳନର କର୍ଣ୍ଣଧାର। ସେବା ଓ ତ୍ୟାଗ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲୀପ ଦାଶ ଶର୍ମା, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ସୁରେନ୍ଦ୍ର ନାଥ ଛୋଟରାୟ, ବି. ମୁରଲୀଧର, ଅମୂଲ୍ୟ ସ୍ୱାଇଁ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଜକ ବାପୁ ଓଝା ଧନ୍ୟବାଦ ଦେଇଥିଲେ।

# କରୋନା ସମୟରେ ଗଣମାଧ୍ୟମର କାର୍ଯ୍ୟ ପ୍ରଶଂସନୀୟ

**ଖୋର୍ଦ୍ଧା ଅଫିସ,୧୬।୧୧**

### ଜିଲାସ୍ତରୀୟ ପ୍ରେସ୍ ଦିବସ

ଜାତୀୟ ପ୍ରେସ ଦିବସ ଅବସରରେ ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ କରୋନା ସମୟରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତାଭାବେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଯୋଗଦେଇ କହିଥିଲେ, କରୋନା ମହାମାରୀ ସମୟରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିଲା। ଏହି ସମୟରେ ଟିକିନିଖି ଖବରକୁ ଲୋକଲୋଚନରେ ପହଞ୍ଚାଇବା, ଲୋକଙ୍କ ସମସ୍ୟାକୁ ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ ଦିଗରେ ଗଣମାଧ୍ୟମର କାର୍ଯ୍ୟ ପ୍ରଂଶସନୀୟ। ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ, କରୋନା ସଫଳତା ପଛରେ ଗଣମାଧ୍ୟମ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅତିରିକ୍ତ ଜିଲାପାଳ ପାଢୀ କହିଥିଲେ, କରୋନାର ସୁପରିଚାଳନା ପଛରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ସମାଜର ଜାଗ୍ରତ ପ୍ରହରୀ ଭାବେ ଗଣମାଧ୍ୟମ ତାର ଦାୟିତ୍ୱ ସୁଚାରୁ ଭାବେ ନିର୍ବାହ କରିଛି। ଏହି ଅବସରରେ ଦିବଂଗତ କରୋନା ଯୋଦ୍ଧା ଖବରଦାତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଖବରଦାତା ଶୁଭ୍ରାଂଶୁ ଶେଖର ସାମନ୍ତରାୟ, ବଳରାମ ଲେଙ୍କା, ଲୋହିତ ନାରାୟଣ ମହାପାତ୍ର, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଛାପା ଓ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ସ୍ଥିତି ପରଖିଲେ ବିଡିଓ

**କୃଷ୍ଣପ୍ରସାଦ,୧୬।୧୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ସାନସୀମା ଉଚ୍ଚ ବିଦ୍ୟାଳୟକୁ ୫-ଟି ଯୋଜାନାରେ ରୂପାନ୍ତରଣ ପ୍ରକଳ୍ପ ଜରିଆରେ ଉନ୍ନତୀକରଣ କରାଯାଇଛି। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ମଙ୍ଗଳବାର ବିଡିଓ ମନୋଜ କୁମାର ନାୟକ ଏହି କାର୍ଯ୍ୟର ସ୍ଥିତି ପରଖିଥିଲେ। ୧୯୮୨ ମସିହାରେ ଗଢିଉଠିଥିବା ଏହି ଅନୁଷ୍ଠାନ ୪୦ବର୍ଷ ଅତିକ୍ରମ କରିବାକୁ ବସିଥିବା ବେଳେ କିଛିଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟର ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ପୁଣି ୫ ଟନ୍ ଗୋମାଂସ ଜବତ

**ଖୋର୍ଦ୍ଧା ଅଫିସ,୧୬।୧୧**

- ମାସକରେ ୨୦ ଟନ୍ ଜବତ
- ଜବତ ମାଂସ ମାଟିରେ ପୋତାଗଲା



ଜବତ ମାଂସ ବୋଝେଇ ଟ୍ରକ୍।

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରଜପଥ ରାମେଶ୍ୱର ଛକରୁ ଗତ ରବିବାର ପୋଲିସ ୫ଟନ୍ ଗୋମାଂସ ବୋଝେଇ କଣ୍ଟେନର ଜବତ କରିଥିବା ବେଳେ ୩ଜଣଙ୍କୁ ଗିରଫ କରିଥିଲା। ସୋମବାର ରାତିରେ ଖୋର୍ଦ୍ଧା ସଦର ଥାନା ପୋଲିସ ଦଳେଇପୁଟ ପେଟ୍ରୋଲ ପମ୍ପ ନିକଟରୁ ୫ଟନ୍ ଗୋମାଂସ ବୋଝେଇ କଣ୍ଟେନରକୁ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଓ ସହଯୋଗୀ ଫେରାର ହୋଇଯାଇଛନ୍ତି। ତେବେ ଖୋର୍ଦ୍ଧାରୁ ଏକ ମାସ ମଧ୍ୟରେ ପୋଲିସ ୨୦ଟନ୍‌ରୁ ଉର୍ଦ୍ଧ୍ୱ ଗୋମାଂସ ଜବତ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଖୋର୍ଦ୍ଧାରୁ ଏକ ଗୋମାଂସ ବୋଝେଇ କଣ୍ଟେନର (ଏମଏଚ ୨୫ଏଜେ ୮୭୮୭) ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଖବରପାଇ ପୋଲିସର ଏକ ଟିମ୍ ଦଳେଇପୁଟ ଛକ ଠାରେ ଛପି ରହିଥିଲା। ରାତି ପ୍ରାୟ ୨ଟା ୩୦ରେ ଗାଡିକୁ ପେଟ୍ରୋଲ ପମ୍ପ ନିକଟରେ ପୋଲିସ ଅଟକାଇଥିଲା। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଓ ସହଯୋଗୀ ଗାଡି ଛାଡି ଫେରାର ହୋଇଯାଇଥିଲେ। ଯାଞ୍ଚ ସମୟରେ ଥର୍ମକୁଲ ପେଟି ପ୍ୟାକିଂରେ ବରଫ ଦିଆଯାଇ ଗୋମାଂସ ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ୫ଟନ୍ ଗୋମାଂସ ସହ ଉକ୍ତ କଣ୍ଟେନରକୁ ଜବତ କରିଥିଲା। ଜବତ ମାଂସ ପ୍ୟାକେଟରୁ ମାଂସର ସାମ୍ପୁଲକୁ ପ୍ରାଣୀ ଚିକିତ୍ସକଙ୍କ ଜରିଆରେ ସଂଗ୍ରହ କରି ପୋଲିସ ରାଜ୍ୟ ବିଜ୍ଞାନ ଅନୁସନ୍ଧାନଗାରକୁ ପଠାଇଛି। ଏହି ଘଟଣାରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଜବତ ଗୋମାଂସକୁ ନିକଟ ଜଙ୍ଗଲରେ ପୋତିଦିଆଯାଇଛି। ଏ ସମ୍ପର୍କରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ଜିଲାରେ ଗୋମାଂସ ଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରକାଶ ଯେ, ଖୋର୍ଦ୍ଧାରେ ଗୋଚାଲାଣ ପରେ ଗୋମାଂସ ଚାଲାଣ ରାକେଟ ସକ୍ରିୟ ରହିଛି। ଖୋର୍ଦ୍ଧା ଓ ଜଟଣୀ ଥାନା ଅଞ୍ଚଳରୁ ଗୋମାଂସ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ପୂର୍ବରୁ ଜାତୀୟ ରାଜପଥ ଦେଇ ବାହାର ରାଜ୍ୟକୁ ଚାଲାଣ କରୁଥିଲେ। ପୋଲିସ ପକ୍ଷରୁ ଧରପଗଡ ହେବା ପରେ ଗୋଚାଲାଣ ପରିବର୍ତ୍ତେ ଥର୍ମକୁଲ ପେଟି ମଧ୍ୟରେ ବରଫ ଦେଇ ଗୋମାଂସ ଚାଲାଣ କରୁଛନ୍ତି।

### ନିଶା ନିବାରଣ କେନ୍ଦ୍ରର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୧୬।୧୧**

ସ୍ଥାନୀୟ ବୁଢ଼ୀବଗିଚାସ୍ଥିତ ନ୍ୟୁ ଲାଇଫ୍ ନିଶା ନିବାରଣ କେନ୍ଦ୍ରର ୧୧ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ରାମଶଙ୍କର, ଶିକ୍ଷାବିତ୍ ବୃନ୍ଦାବନ ପଣ୍ଡା, ଆଇନ୍‌ଜୀବୀ ବିକ୍ରମ ଚମ୍ପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ନିଶାମୁକ୍ତି ଦିଗରେ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଂଶସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତ୍ରିଲୋଚନ ମହାରଣା, ସଞ୍ଜୟ ଦାସ, ପ୍ରବୀର ଜେନା ପରିଚାଳନା କରିଥିଲେ।




## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୧।୨୦୨୧

| | |
|---|---|
| ୫,୪୬,୨୮୦ ଟଙ୍କା | |
| ସୁନା | ୧.୫୦୦ଗ୍ରାମ |
| ରୁପା | ୩.୬୫୦ ଗ୍ରାମ |

# ବିରୋଧ ପରେ ୟୁଜର୍ସ ଫି ସ୍ଥଗିତ

■ କମିଟି ଗଠନ ହୋଇ ହେବ ଚୂଡ଼ାନ୍ତ ନିଷ୍ପତ୍ତି
■ ୩୦ ଅନୁଷ୍ଠାନର ବିକ୍ଷୋଭ

ପୁରୀ ଅଫିସ,୧୬।୧୧: ପୁରୀ ପୌରସଂସ୍ଥା ୟୁଜର୍ସ ଫି ଆଦାୟ ବ୍ୟବସ୍ଥାକୁ ସ୍ଥଗିତ ରଖିଛି। ଏ ନେଇ ଜିଲାପାଳଙ୍କ ସହ ଆଲୋଚନା ହେବା ସହ ୟୁଜର ଫିଂକୁ ବିରୋଧ କରୁଥିବା ସଙ୍ଗଠନଗୁଡ଼ିକୁ ନେଇ ଏକ କମିଟି ଗଠନ ହେବ। କମିଟି ସହ ପୌରସଂସ୍ଥା ଓ ଜିଲା ପ୍ରଶାସନ ଆଲୋଚନା କରି ଏ ସମ୍ପର୍କରେ ସାନି ନିଷ୍ପତ୍ତି ନେବେ ବୋଲି ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି। କିଛିଦିନ ହେବ ପୁରୀ ସହରରେ ୟୁଜର ଫିଂକୁ ନେଇ ବିରୋଧ ତୀବ୍ର ହେବାରେ ଲାଗିଥିଲା। ଲୋକେ ହୋଲ୍ଡିଂ ଟ୍ୟାକ୍ସ ଦେଉଥିବା ବେଳେ ପୁଣିଥରେ ଏହି ୟୁଜର୍ସ ଫି' କାହିଁକି ଦେବେ ସେନେଇ ପ୍ରଶ୍ନ କରିବା ସହ ପୁରୀ ପୌରସଂସ୍ଥାର ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହି କ୍ରମରେ ଅନେକ ଅନୁଷ୍ଠାନ ଦାବିପତ୍ର ଓ ଗଣଧାରଣା ମଧ୍ୟ ଦେଇଥିଲେ। ଗତଥର ହୋଇଥିବା ଆଲୋଚନାରେ ପୌରସଂସ୍ଥା ୟୁଜର୍ସ ଫି ହଟାଇବାକୁ ରାଜି ନ ହେବା ପରେ ପୁରୀର ବିଭିନ୍ନ ସଙ୍ଗଠନ ସତ୍ୟାଗ୍ରହ ନିଷ୍ପତ୍ତି ନେଇଥିଲେ। ପୁରୀ ସହରର ୩୦ଟି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଏକତ୍ରିତ ହୋଇ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ୟୁଜର୍ସ ଫି ନିଷ୍ପତ୍ତି ବେଆଇନ, ଅଗଣତାନ୍ତ୍ରିକ ଓ ଜନବିରୋଧୀ ବୋଲି ଅଭିହିତ କରି ଏହାକୁ ପ୍ରତ୍ୟାହାର କରିନେବା ଦାବିରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡାଙ୍କ କହିବା ଅନୁଯାୟୀ, ପୌରସଂସ୍ଥା ପକ୍ଷରୁ କୁହାଯାଇଥିଲା ଯେ, ଲୋକଙ୍କଠାରୁ ମାସିକ ୨୦ରୁ ୨୫ ଟଙ୍କା ଆଦାୟ କରାଯାଉଛି। ମାତ୍ର ପୌରସଂସ୍ଥା ଅଧିକାରୀଙ୍କୁ ଏହାର ବାସ୍ତବତା ସମ୍ପର୍କରେ ଜଣାଇ ଦିଆଯାଇଥିଲା। ପୁରୀ ସହରର ଅନେକ ଲୋକ ୟୁଜର୍ସ ଫି ବାବଦକୁ ଶହେରୁ ଊର୍ଦ୍ଧ୍ୱ ଟଙ୍କା ପଇଠ କରିଥିବାର ରସିଦ ଅଧିକାରୀଙ୍କଠାରେ ଦାଖଲ ହୋଇଥିଲା। ସେହିଭଳି ପୌରସଂସ୍ଥା ୟୁଜର୍ସ ଫି ଆଦାୟ କରିବା ଆଦୌ ଆଇନସମ୍ମତ ନୁହେଁ ବୋଲି ସ୍ୱାଧୀନ କହିଛନ୍ତି। ଏହାପରେ ପୌରସଂସ୍ଥା ଅଧିକାରୀ ସରୋଜ କୁମାର ସ୍ୱାଇଁ ୟୁଜର୍ସ ଫିକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ସତ୍ୟାଗ୍ରହରେ ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ, ଆବାହକ ସ୍ୱାଧୀନ ପଣ୍ଡା, ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ ରଥ, ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ ଦାସ ଓ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ବିଭିନ୍ନ ଦାବି ନେଇ ପୁରୀ ରେଲୱେ ବେଡରଲ୍ କର୍ମଚାରୀମାନେ ମଙ୍ଗଳବାର ସିନିୟର ସିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ

### କଟକଣା ମଧ୍ୟରେ ଦର୍ଶନ କଲେ ଭକ୍ତ

ପୁରୀ ଅଫିସ,୧୬।୧୧: କାର୍ତ୍ତିକ ମାସର ପଞ୍ଚକ ଅବସରରେ ମଙ୍ଗଳବାର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଯାଇଛି। ତେବେ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶକୁ ଭକ୍ତମାନେ କଟକଣା ମଧ୍ୟରେ ଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଗତ ଦୁଇ ଦିନ ଧରି ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିବା ହେତୁ ଜିଲା ପ୍ରଶାସନ ପକ୍ଷରୁ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ବ୍ୟାରିକେଡିଂ କରାଯାଇଥିବା ବେଳେ ଶ୍ରଦ୍ଧାଳୁମାନଙ୍କୁ ମରିଚିକୋଟ ଛକ ପରଠାରୁ ବ୍ୟାରିକେଡ୍ ମଧ୍ୟରେ ଯାଇ ଧାଡ଼ି ଦର୍ଶନର ସୁଯୋଗ ମିଳିଥିଲା।

ମହାପ୍ରଭୁଙ୍କୁ ବାଙ୍କଚୂଡ଼ା ବେଶରେ ଦର୍ଶନ କଲେ ପୁଣ୍ୟ ଅର୍ଜନ ହେବା ନେଇ ବିଶ୍ୱାସ ଥିବା ହେତୁ ବହୁ ମାତ୍ରାରେ ଶ୍ରଦ୍ଧାଳୁ ପୁରୀ ସହରରେ ପହଞ୍ଚିଥିଲେ। ତେବେ ଦ୍ୱିପ୍ରହର ସମୟରେ ସହରରେ ପ୍ରବଳ ଭିଡ଼ ଯୋଗୁ ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ ବାହାରେ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଜିଲାପାଳ, କେନ୍ଦ୍ରାଞ୍ଚଳ ଆଇଜି, ଏସ୍‌ପି ଓ ଅତିରିକ୍ତ ଏସ୍‌ପି ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚି ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଥିବା ବେଳେ ଅତିରିକ୍ତ ପୋଲିସ ଫୋର୍ସ ମଧ୍ୟ ମୁତୟନ ହୋଇଥିଲେ। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନୱର ବିଶାଲ ସିଂ ସହ ଶ୍ରୀମନ୍ଦିର ପରିସରକୁ ଯାଇ ଦର୍ଶନ ବ୍ୟବସ୍ଥାକୁ ସୁରୁଖୁରୁ ପରିଚାଳନା କରିଥିଲେ। ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିଯିବା ପରେ ଶ୍ରଦ୍ଧାଳୁଙ୍କୁ ପର୍ଯ୍ୟାୟକ୍ରମେ ମନ୍ଦିରକୁ ଛଡ଼ାଯାଇଥିଲା। ଶ୍ରୀମନ୍ଦିର ଭିତରେ ଓ ବାହାରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ତେବେ ରାତି ୯ଟା ସୁଦ୍ଧା ଶ୍ରୀମନ୍ଦିରକୁ ମୋଟରେ ୪୦,୧୦୫ ଭକ୍ତ ପ୍ରବେଶ କରିଥିଲେ। ସେଥିମଧ୍ୟରୁ ସିଂହଦ୍ୱାରରେ ୩୫,୬୧୮ ଓ ପଶ୍ଚିଦ୍ୱାରରେ ୪,୪୮୭ଜଣ ଭକ୍ତ ଯାଇଥିଲେ। ଏ ନେଇ ଭକ୍ତ ରାଜକିଶୋର ମିଶ୍ର କହିଛନ୍ତି, ବାଙ୍କଚୂଡ଼ା ବେଶରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଦିନର ଆଶା ଥିଲା। ବହୁ ଭକ୍ତଙ୍କ ସମାଗମ ହୋଇଥିବାରୁ ଦର୍ଶନ ପାଇଁ ଅପେକ୍ଷା କରିବାକୁ ପଡ଼ିଥିଲା। ମାତ୍ର ପୋଲିସ ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିବାରୁ ଶୃଙ୍ଖଳିତ ଦର୍ଶନ ହୋଇଥିଲା। ଅନ୍ୟପକ୍ଷେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଗହଳିର ସମ୍ଭାବନା ଥିବା ହେତୁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି ଶେଷ କରାଯାଇଥିଲା। ଗହଳି ନିୟନ୍ତ୍ରଣରେ ସଫଳ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ସରଳ ଦର୍ଶନ ବ୍ୟବସ୍ଥାର ସୁବିଧା ପାଇଛନ୍ତି।

## ପୁରୀ ନାମ ପରିବର୍ତ୍ତନ ବିରୋଧରେ ୫୦ ଅନୁଷ୍ଠାନ ଏକାଠି

### ୨୧ରେ ଜନସମ୍ପର୍କ ଯାତ୍ରା

ପୁରୀ ଅଫିସ, ୧୬।୧୧: ପୁରୀର ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ପୁରୀ ସମେତ ଜିଲାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ମଙ୍ଗଳବାର ଏକତ୍ରିତ ହୋଇଥିଲେ। ପୁରୀର ନାମକୁ ସୁରକ୍ଷା ଦେବା ପାଇଁ ଅନୁଷ୍ଠାନଗୁଡ଼ିକ ପକ୍ଷରୁ 'ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି' ନାମରେ ଏକ କମିଟି ଗଠନ କରାଯାଇଛି। ପୁରୀର ନାମ ପରିବର୍ତ୍ତନ ପ୍ରସ୍ତାବକୁ ଅଗାମୀ ଦିନରେ ଗଣତାନ୍ତ୍ରିକ ଆଧାରରେ ବିଭିନ୍ନ ଉପାୟରେ ବିରୋଧ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ସେହିପରି ଆସନ୍ତା ୨୧ତାରିଖରେ ପୁରୀ ବଡ଼ଦାଣ୍ଡରେ ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ଜନସମ୍ପର୍କ ଯାତ୍ରା ହେବ। ଶ୍ରୀଜଗନ୍ନାଥ ବିଶ୍ୱର ଦେବତା ଅଟନ୍ତି, ସେ କେବଳ ପୁରୀରେ ସୀମିତ ନୁହନ୍ତି। ତେଣୁ ଜଗନ୍ନାଥଙ୍କୁ ପୁରୀ ସହିତ ଯୋଡି ସର୍ବବ୍ୟାପୀ ଜଗତର ନାଥ ଜଗନ୍ନାଥଙ୍କୁ ସୀମିତ କରିବା ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ କରିଥିଲେ। ବୈଠକରେ ନାରାୟଣ ଦାଶ, ଓଡ଼ିଶା ବ୍ରାହ୍ମଣ ସମାଜର ସଭାପତି ଆଚାର୍ଯ୍ୟ ନିରଞ୍ଜନ ମିଶ୍ର, ଆଚାର୍ଯ୍ୟ ପ୍ରଭାକର ଦାଶ, ମାଧବ ଚନ୍ଦ୍ର ଦୀକ୍ଷିତ, ଆଇନଜୀବୀ ଚିନ୍ମୟ ଦାଶ, ସୂର୍ଯ୍ୟ ନାରାୟଣ ରଥ, ପବିତ୍ର ମୋହନ ଦଳାଇ, ଆଲୋକ ଦାସ, ଆଶୁତୋଷ ମିଶ୍ର, ଅନିଲ ସାହୁ, ବିଶ୍ୱଜିତ ପ୍ରଧାନ, ଦେବାଶିଷ ଦାଶ, ସମୀର ସାମନ୍ତରାୟ, ବିପିନ ବିହାରୀ ମହାନ୍ତି, ଦେବାଶିଷ ଦାଶ, ଦେବକୀ ମା, କୃଷ୍ଣମୋହନ ପ୍ରଧାନ, ବିପ୍ଲବ ଦାଶ, ପ୍ରତାପ ଈଶ୍ୱର ଶତପଥୀ ଏବଂ ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗରୁଡ଼ଙ୍କ ଉଦ୍ବାପନ ନୀତି ସମ୍ପନ୍ନ

ପୁରୀ ଅଫିସ,୧୬।୧୧: ଗରୁଡ଼ ଉଦ୍ବାପନ ନୀତି ସମ୍ପନ୍ନ ହୋଇଛି। ଦ୍ୱାଦଶୀ ତିଥି ଅବସରରେ ମହାପ୍ରଭୁଙ୍କର ବାଙ୍କଚୂଡ଼ା ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇଥିଲା। ସନ୍ଧ୍ୟାଧୂପ ସରିବା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ହୋଇଥିଲା। ପରେ ନୂଆ ଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ଲଗାଇ ବେଶ କରିଥିଲେ। ପରେ ପାଣିପଡ଼ି ପଞ୍ଚୋପଚାରରେ ଶୀତଳଭୋଗ ମଣୋହି କରାଯାଇଥିଲା। ଉଦ୍ବାପନା ନୀତି ନିମନ୍ତେ ପ୍ରସାଦ ଲାଗି କରାଯାଇ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ଅନ୍ୟ ନୀତି ହୋଇ ବାହୁଡା ବିଜେ କରିଥିଲେ।



ଜଟଣୀରେ ଆୟୋଜିତ ଥ୍ରୋ ବଲ୍ ପ୍ରତିଯୋଗିତାରେ ଚାମ୍ପିୟନ ପୁରୁଷ ଓ ମହିଳା ଦଳକୁ ପୁରୀ ରେଲୱେ ଷ୍ଟେଶନରେ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଉଛି ।

# ତଥ୍ୟଭିତ୍ତିକ ଖବର ସକାରାତ୍ମକ ଦିଗ ଦେଖାଏ

### ଜାତୀୟ ପ୍ରେସ୍ ଦିବସ

ପୁରୀ ଅଫିସ,୧୬।୧୧: ଜାତୀୟ ପ୍ରେସ୍ ଦିବସ ସ୍ଥାନୀୟ ସଦ୍‌ଭାବନା ସଭାଗୃହର ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ମହାମାରୀ ପରିପ୍ରେକ୍ଷୀରେ ଗଣମାଧ୍ୟମ ଏକ ନୂତନ ଆହ୍ୱାନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତଥ୍ୟଭିତ୍ତିକ ଖବର ପ୍ରଶାସନକୁ ଗଠନମୂଳକ ସମାଲୋଚନାର ଏକ ବଡ଼ ରାସ୍ତା ହୋଇଥିବା ବେଳେ ଏହା ସମାଜକୁ ଏକ ସକାରାତ୍ମକ ଦିଗ ଦେଖାଇଥାଏ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦି ମିଡିଆ କର୍ତ୍ତବ୍ୟରତ ଖବରଦାତା ଓ ସ୍ତମ୍ଭକାର ଫୋରମ୍ ପକ୍ଷରୁ ପ୍ରେସ୍ ଦିବସ ୟୁଥ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଛି। ଅବାଧ ଓ ମୁକ୍ତ ସାମ୍ବାଦିକତା ଶୀର୍ଷକରେ ଆଲୋଚନାରେ ପଲିଟିକାଲ ବିଜନେସ ଡେଲିର ସମ୍ପାଦକ ବିଜୟ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଯୋଗଦେଇ ଚିନ୍ମୟ ହୋତା କହିଥିଲେ, ଖବର ଯାହା ଅବିକଳ ତାହା ହୋଇ ଲୋକଙ୍କ ପାଖରେ ପହଞ୍ଚିଥିଲେ ଜଣେ ଖବରଦାତା ନିଜର କାର୍ଯ୍ୟକୁ ଠିକ ଭାବେ ତୁଲାଉଛି ବୋଲି ବୁଝାପଡ଼ିବ। ନୋବେଲ ପୁରସ୍କାର ପାଇଥିବା ଫିଲିପାଇନସ୍‌ର ଖବରଦାତା ମାରିଆ ଓ ରୁଷିଆର ବିନିତ୍ରୀ ଖବରଦାତାମାନଙ୍କ ପାଇଁ ନିରପେକ୍ଷ ଖବର ପରିବେଷଣ ନେଇ ଉଦାହରଣ ସୃଷ୍ଟି କରିଛନ୍ତି। ଆୟୋଜିତ ଆଲୋଚନା ଚକ୍ରରେ ଖବରଦାତା ବିଜୟ ପଟ୍ଟନାୟକ, ନିରଞ୍ଜନ ମିଶ୍ର, ମାନସ ଦାଶ, ବଦ୍ରି ମିଶ୍ର ଓ ସତ୍ୟନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ଭକ୍ତ ସାଲବେଗ ପୀଠରେ ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲା ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭୂତି ଶଙ୍କର ତ୍ରିପାଠୀ, ଜିଲା ସଭାପତି ବିଜୟ ମିଶ୍ରଙ୍କ ସମେତ ଖବରଦାତା ପ୍ରଦ୍ୟୁମ୍ନ ସାଥୁଆ ଓ ଚକ୍ରଧର ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ଗଣମାଧ୍ୟମ ସ୍ୱାଧୀନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ

ପିପିଲି/ଡେଲାଙ୍ଗ, ୧୬।୧୧(ଡି.ଏନ୍.ଏ./ସ୍ୱ.ପ୍ର.): ଗଣତନ୍ତ୍ରରେ ବାକ୍ ସ୍ୱାଧୀନତା ଓ ତାହାର ପରିପ୍ରକାଶର ମୌଳିକ ମାଧ୍ୟମ ହେଉଛି ଗଣମାଧ୍ୟମ। ତେଣୁ ଗଣମାଧ୍ୟମ ଯେତେ ସ୍ୱାଧୀନ ହେବ ଗଣତନ୍ତ୍ର ସେତେ ସୁଦୃଢ଼ ହେବ ବୋଲି ପିପିଲିରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳମଣି ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଶ୍ରୀକ୍ରୀଷ୍ଣା ଗାର୍ଡେନରେ ଅନୁଷ୍ଠିତ ସମାବେଶରେ 'ଗଣତନ୍ତ୍ରର ସୁରକ୍ଷାରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ରକୁ ରାଜ୍ୟ ଯୋଜନାବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସାମ୍ବାଦିକ ଶ୍ରୀକୁମାର ଶୁକ୍ଳ, ଧୀରେନ୍ଦ୍ର ନାଥ ଦାସ, ପୁରୀ ଜିଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଭୁବନେଶ୍ୱର ସାମ୍ବାଦିକ ସଂଘ ସଭାପତି ପ୍ରତାପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ ସାମ୍ବାଦିକ ସୁରକ୍ଷା ବିଲ୍ କାର୍ଯ୍ୟକାରୀ କରିବା ଓ ସ୍ୱାସ୍ଥ୍ୟ ବୀମାକୁ ୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରିବାକୁ ଦାବି କରିଥିଲେ। ୯୧ଜଣ ଖବରଦାତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ, କ୍ରୀଡ଼ାବିତ୍, ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିପିଲି ପ୍ରେସ୍ କ୍ଲବ କୋଷାଧ୍ୟକ୍ଷ ହେମନ୍ତ ସେଠୀ ଧନ୍ୟବାଦ ଦେଇଥିଲେ। ପିପିଲି ପ୍ରେସ୍ କ୍ଲବର ସମ୍ପାଦକ ପ୍ରଦ୍ୟୁମ୍ନ ସୁବୁଦ୍ଧି, ବିଜୟ ମହାପାତ୍ର, ଶଙ୍କର୍ଷଣ ପ୍ରଧାନ, ନୃସିଂହ ଚରଣ ସାହୁ, ବ୍ରଜକିଶୋର ପ୍ରଧାନ, ସ୍ୱରାଜ ରଥ, ଶ୍ରୀଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଡେଲାଙ୍ଗ ପ୍ରେସ କ୍ଲବ ଓ ମେକଇନ୍ ଇଣ୍ଡିଆ ମିଡିଆ ପରିବାର ପକ୍ଷରୁ ପ୍ରେସ ଦିବସ ବ୍ଲକ ପରିସରରେ ପାଳିତ ହୋଇଛି। ଖବରଦାତା ରଶ୍ମିରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଚୋରି ଟଙ୍କା ଉଦ୍ଧାର, ଜଣେ ଗିରଫ

ନିମାପଡ଼ା,୧୬।୧୧(ଡି.ଏନ୍.ଏ.): ଚୋରି କରିବା ଅଭିଯୋଗରେ ଚାରିଛକ ଫାଣ୍ଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଫାଣ୍ଡି ଅଧୀନ ଉମାମହେଶ୍ୱରପୁର ଗ୍ରାମର ଶେଖ କୁରୁବାନ ଓରଫ ଟଗଖାଁ। ପୋଲିସ ତାଙ୍କଠାରୁ ଗୋଟିଏ ଫୋନ ଓ ୩ ହଜାର ଟଙ୍କା ଜବତ କରିଛି। ଏ ନେଇ ଏକ ମାମଲା(ନଂ.୪୦୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ୧୪ତାରିଖ ରାତିରେ ଉମାମହେଶ୍ୱରପୁର ଗ୍ରାମର ଆୟତ ଖାଁଙ୍କ ଘରେ ପଶି ଅଭିଯୁକ୍ତ ୨ଟି ଫୋନ ଓ ୮,୫୦୦ ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ଆୟତ ପରଦିନ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଶିଶିର ମହାନ୍ତି ଟିମ୍ ସହ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଏହା ପୂର୍ବରୁ ୧୨ତାରିଖରେ ମଧ ଫାଣ୍ଡି ଅଧୀନ କଳାପାଞ୍ଚଣ ଗ୍ରାମରେ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏପରିକି ଏହି ଅଭିଯୁକ୍ତଙ୍କ ନାମରେ ନିମାପଡ଼ା ଥାନାରେ ଏକାଧିକ ମାମଲା ରହିଛି।

### ବଟି ମାଗି ଜଣେ ଗିରଫ

ପୁରୀ ଅଫିସ ୧୬।୧୧ -ଦାଦାବଟି ମାଗିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋପବନ୍ଧୁ କଲୋନୀର ହାଡିବନ୍ଧୁ ନାୟକ ଓରଫ ହାଡୁ (୫୨) । ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଛୁରି ଜବତ କରିଛି । ପୋଲିସ ଏ ନେଇ ନଂ. ୪୨୪ /୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟା ସମୟରେ ଜଟିଆବାଜୀ ଛକ ନିକଟରେ ଜଣେ ଅଭିଯୁକ୍ତ ଅଟୋ ଚାଳକମାନଙ୍କୁ ମାରଣାସ୍ତ୍ର ଦେଖାଇ ବଟି ମାଗୁଥିଲେ। ତେବେ କୁମ୍ଭାରପଡା ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ଏହି ଖବର ପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ଅଭିଯୁକ୍ତଙ୍କ ନାମରେ ୨୨ରୁ ଅଧିକ ଆପରାଧିକ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### କାକଟପୁର ପଞ୍ଚାୟତ କଂଗ୍ରେସ କର୍ମୀ ସମ୍ମିଳନୀ

କାକଟପୁର,୧୬।୧୧(ଡି.ଏନ୍.ଏ.): କାକଟପୁର ବ୍ଲକ କଂଗ୍ରେସ ତରଫରୁ ସ୍ଥାନୀୟ ଦୁର୍ଗା କଲ୍ୟାଣ ମଣ୍ଡପ ପରିସରରେ କାକଟପୁର ପଞ୍ଚାୟତର କଂଗ୍ରେସ କର୍ମୀମାନଙ୍କ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ବରିଷ୍ଠ ନେତା ଦୁର୍ଗାଚରଣ ନାୟକଙ୍କ ସଭାପତିତ୍ୱରେ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ବିପିନ ବିହାରୀ ମହାନ୍ତି, ଧନେଶ୍ୱର ପାଢ଼ୀ, ଲକ୍ଷ୍ମୀଧର ଖୁଣ୍ଟିଆ, କରୁଣାକର ସେନାପତି, ସେକ ଲିଆକତ, ଜୟରାମ ନାୟକ, ଉତ୍ତମ ନାୟକ ଓ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ରଣନୀତି ପ୍ରସ୍ତୁତ କରାଯିବା ସହିତ ସର୍ବସମ୍ମତି କ୍ରମେ ପଞ୍ଚାୟତର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ନଳିନୀକାନ୍ତ ଦୀକ୍ଷିତ ସଭାପତି, ଅଞ୍ଜନ କୁମାର ଦୀକ୍ଷିତ ସମ୍ପାଦକ ଭାବେ ଚୟନ କରାଯିବା ସହ ପଞ୍ଚାୟତର ଅନ୍ୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଗାମୀ ଦିନରେ କାକଟପୁର ପଞ୍ଚାୟତରେ କଂଗ୍ରେସର ସ୍ଥିତି ମଜବୁତ କରିବାକୁ ଉପସ୍ଥିତ ସମସ୍ତ କର୍ମୀ ଏକଜୁଟ ହୋଇ କାମ କରିବାକୁ ବ୍ଲକ ସଭାପତି ସ୍ୱାଇଁ ଆହ୍ୱାନ କରିଥିଲେ।

### ରାସ୍ତା ସମ୍ପ୍ରସାରଣ ପାଇଁ ଜନଶୁଣାଣି

ପୁରୀ ଅଫିସ,୧୬।୧୧: ପୁରୀ ଡାକ୍ତରଖାନା ଛକଠାରୁ ବାଟଗାଁ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ସମ୍ପର୍କରେ ବଳଗଣ୍ଡି ଓ କୁମ୍ଭାରପଡ଼ା ପୁରୁଣା ଜେଲ ରୋଡ୍‌ସ୍ଥିତ ଜାଇଗଡ଼ କ୍ଲବ୍ ଓ ଅପରାହ୍ନରେ ଅଠରନଳା ଏବଂ ଜିତକର ମୁଦୁଲି ପାଟଣା ଅଞ୍ଚଳ ପାଇଁ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏହି ପ୍ରକଳ୍ପ ପାଇଁ ପୁରୀ ତହସିଲ ଅନ୍ତର୍ଗତ ୩ଟି ପଞ୍ଚାୟତରେ ୧୧ଟି ଗ୍ରାମରୁ ୬.୪୭୬୫ ଏକର ଜମି ଅଧିଗ୍ରହଣ କରାଯିବ। ସେଥିମଧ୍ୟରେ ୧.୧୦୯ ଏକର ସରକାରୀ ଜମି, ୬୨୮ ପରିବାରର ୫.୩୬୭୫ ଏକର ବ୍ୟକ୍ତିଗତ ଜମି ରହିଛି। ଏଥିମଧ୍ୟରୁ କୁମ୍ଭାରପଡ଼ା ଗ୍ରାମରୁ ସର୍ବାଧିକ ୦.୯୪୧୫ ଏକର ଥିବା ବେଳେ ସରେଇକଣାପାଟଣା ଗ୍ରାମର ସର୍ବନିମ୍ନ ୦.୩୧୮ ଏକର ଜମି ରହିଛି। ଏହି ପ୍ରକଳ୍ପଟି ଅବଢ଼ା ଯୋଜନା ଅନ୍ତର୍ଭୁକ୍ତ ଓ ଉକ୍ତ ରାସ୍ତାଟି ରଥଯାତ୍ରା, ବଡ଼ଦିନ ଛୁଟି, କାର୍ତ୍ତିକ ମାସ ଭଳି ପର୍ବପର୍ବାଣି ସମୟରେ ସର୍ବାଧିକ ବ୍ୟବହାର ହୋଇଥାଏ। ଯାନବାହନର ଗହଳି ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବାକୁ ୨୦୧୭-୧୮ ମସିହାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଜୟଦେବ ଇନଷ୍ଟିଚ୍ୟୁଟ୍ ଅଫ ସୋସିଆଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଉକ୍ତ ପ୍ରକଳ୍ପ ସାମାଜିକ ପ୍ରଭାବ ଅଧ୍ୟୟନ କରାଯାଇଥିଲା। ଏଥିରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନଶୁଣାଣି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଭୂଅର୍ଜନ ସ୍ୱତନ୍ତ୍ର ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଶ୍ରୀମନ୍ଦିର ପ୍ରଶାସନର ଉପପ୍ରଶାସକ ସନ୍ତୋଷ ଶତପଥୀ, ତହସିଲଦାର ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଭୋଟଗଣତି କେନ୍ଦ୍ର ପରିଦର୍ଶନ

କଣାସ,୧୬।୧୧(ସ୍ୱ.ପ୍ର.): ପଞ୍ଚାୟତ ନିର୍ବାଚନ ପାଇଁ କଣାସ ବ୍ଲକ ଅଞ୍ଚଳରେ ଥିବା ଷ୍ଟ୍ରଙ୍ଗରୁମ୍ ଓ ଭୋଟଗଣତି କେନ୍ଦ୍ରକୁ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ବୁଲିଦେଖିଛନ୍ତି। ଏଥିସହିତ କଣାସରେ ଥିବା ରାଜ୍ୟ ସରକାରଙ୍କ ୫-ଟି ବିଦ୍ୟାଳୟ ଜଙ୍କିଆ-ଗଡସାହି ଉଚ୍ଚ ବିଦ୍ୟାଳୟ କିପରି ନିର୍ମାଣ କରାଯାଇଛି ତାହା ବୁଲି ଅନୁଧାନ କରିଛନ୍ତି।

### ପୁରୀ ଥ୍ରୋ ବୋଲ୍ ପ୍ରତିଯୋଗୀଙ୍କୁ ଦ୍ୱିମୁକୁଟ

ପୁରୀ ଅଫିସ ୧୬।୧୧: ଖୋର୍ଦ୍ଧା ଜିଲା ଜଟଣୀର କୁଦିଆରୀ ଫୁଟବଲ ଖେଳପଡ଼ିଆରେ ଆୟୋଜିତ ହୋଇଥିବା ୩୦ତମ ଥ୍ରୋ ବଲ୍ ସିନିୟର ଚାମ୍ପିୟନ ପ୍ରତିଯୋଗିତାରେ ପୁରୀ ଜିଲାକୁ ଦ୍ୱିମୁକୁଟ ମିଳିଛି। ପ୍ରତିଯୋଗିତାରେ ଉଭୟ ପୁରୁଷ ଏବଂ ମହିଳା ଦଳରେ ପୁରୀ ଜିଲା ଚାମ୍ପିୟନ ହୋଇଛି। ପୁରୁଷ ଦଳ ଫାଇନାଲ ମ୍ୟାଚ୍‌ରେ ଜଟଣୀ ଦଳକୁ ୨-୧ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିବାବେଳେ ମହିଳା ଦଳ ଯାଜପୁର ଟିମ୍‌କୁ ୨-୧ ସେଟ୍‌ରେ ପରାସ୍ତ କରି ବିଜୟ ଲାଭ କରିଛି। କୋଚ୍ ଏସ୍. ଜଗା ରେଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ଦଳ ଭଲ ପ୍ରଦର୍ଶନ କରିଥିଲା। ଉଭୟ ବିଜୟୀ ଦଳ ଟ୍ରେନ୍ ଯୋଗେ ପୁରୀ ରେଲଷ୍ଟେଶନ ପରିସରରେ ମଙ୍ଗଳବାର ପହଞ୍ଚିବା ପରେ ଝାଡେଶ୍ୱରୀ କ୍ଲବ୍‌ର ସମ୍ପାଦକ ପାର୍ଥସାରଥୀ ମହାପାତ୍ର ଖେଳାଳି ଏବଂ କୋଚ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ।

### ତୁଳସୀ ବିବାହ

ସାକ୍ଷୀଗୋପାଳ, ୧୬।୧୧(ଡି.ଏନ୍.ଏ./ସ୍ୱ.ପ୍ର.): ପବିତ୍ର ଗରୁଡ଼ ଦ୍ୱାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖସ୍ଥ ଶ୍ରୀରାମ ମନ୍ଦିର ପରିସରରେ ତୁଳସୀ ବିବାହ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ବର ପକ୍ଷରୁ ସତ୍ୟପ୍ରିୟ ମହାପାତ୍ର ଓ ରଞ୍ଜିତା ମହାପାତ୍ର ଏବଂ କନ୍ୟା ପକ୍ଷରୁ ଶରତ କୁମାର ହୋତା ଓ ସଂଯୁକ୍ତା ହୋତା କର୍ତ୍ତା, କର୍ତ୍ତୀ ସାଜି ବୈଦିକ ରୀତିରେ ଠାକୁରଙ୍କ ବିବାହ ସମ୍ପନ୍ନ କରିଥିଲେ। ପୁରୋହିତ ବଂଶୀଧର ପାଢ଼ୀ ଓ ହରିହର ମହାପାତ୍ର ବିବାହ କାର୍ଯ୍ୟ କରିଥିଲେ। ମଧ୍ୟସ୍ଥି ରାମଚନ୍ଦ୍ର ନନ୍ଦଙ୍କ ଉପସ୍ଥିତିରେ ଏହ ବିବାହ ହୋଇଥିଲା। ତୁଳସୀ ବିବାହ କମିଟି ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ସହରରେ ପରିସ୍ରାଗାର ନିର୍ମାଣ ଦାବି

କଟକ ଅଫିସ: କଟକ ସହରକୁ ପ୍ରତିଦିନ ବିଭିନ୍ନ ଜିଲାରୁ ଲୋକମାନେ ଆସୁଛନ୍ତି। ହେଲେ ସେମାନଙ୍କ ପାଇଁ ପରିସ୍ରାଗାରର ବ୍ୟବସ୍ଥା ନାହିଁ। ତୁରନ୍ତ ସହରର ବିଭିନ୍ନ ସ୍ଥାନରେ ପରିସ୍ରାଗାର ନିର୍ମାଣ ପାଇଁ ଏଇତ ଜୀବନ ସାମାଜିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ପ୍ରଦାନ କରାଯାଇଛି। ଏନେଇ ସ୍ଥାନ ଚିହ୍ନଟ କରି ଲିଷ୍ଟ ଦେବା ପାଇଁ କମିଶନର କହିଛନ୍ତି।




## ସଂକ୍ଷେପରେ

### କମିଶନରେଟ ପୋଲିସରେ ଅଦଳବଦଳ

ଭୁବନେଶ୍ୱର, ୧୬।୧୧: କଟକ-ଭୁବନେଶ୍ୱର କମିଶନରେଟ ପୋଲିସରେ ମଙ୍ଗଳବାର ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। କମିଶନରେଟ ମୁଖ୍ୟାଳୟରେ ଅବସ୍ଥାପିତ ବିଭୁଦତ୍ତ ରାଉତରାୟଙ୍କୁ ଏୟାରପୋର୍ଟ ଥାନାକୁ ବଦଳି କରାଯାଇଥିବାବେଳେ ବିଜୟ କୁମାର ବାରିକଙ୍କୁ ଶହୀଦନଗର ଥାନା, ପ୍ରିୟଦର୍ଶିନୀ ନନ୍ଦଙ୍କୁ କ୍ୟାପିଟାଲ ଥାନା, ସନ୍ତୋଷିନୀ ବେହେରାଙ୍କୁ ଭୁବନେଶ୍ୱର ମହିଳା ଥାନା, ଚିତ୍ତରଞ୍ଜନ ରାଉତଙ୍କୁ ଭରତପୁର ଥାନାକୁ ବଦଳି କରାଯାଇଛି। ସେହିପରି କ୍ୟାପିଟାଲ ଥାନାରେ ଅତିରିକ୍ତ ଆଇଆଇସି ଭାବେ କାର୍ଯ୍ୟରତ ଶୁଭଶ୍ରୀ ପଣ୍ଡାଙ୍କୁ ଭୁବନେଶ୍ୱର ୟୁପିଡି ଏବଂ କମିଶନରେଟ ମୁଖ୍ୟାଳୟରେ କାର୍ଯ୍ୟରତ ପ୍ରମୋଦ କୁମାର ଲେଙ୍କା ଓ ଚନ୍ଦ୍ରିକା ସ୍ୱାଇଁଙ୍କୁ କଟକ ୟୁପିଡିକୁ ବଦଳି କରାଯାଇଛି। ପ୍ରଶାସନିକ ଆବଶ୍ୟକତା ଏବଂ ଲୋକମାନଙ୍କ ସ୍ୱାର୍ଥ ପାଇଁ ଏମାନଙ୍କୁ ଅତିରିକ୍ତ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଜଣାଇଛନ୍ତି।

### ଗାଡ଼ି ଧକ୍କାରେ ଏଏସ୍‌ଆଇ ମୃତ

ଫୁଲନଖରା, ୧୬।୧୧ (ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଠାରେ ମଙ୍ଗଳବାର ରାତି ପ୍ରାୟ ସାଢେ ୯ଟାରେ ଗାଡି ଧକ୍କାରେ ଜଣେ ମହିଳା ଏଏସ୍‌ଆଇଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ସଞ୍ଜୁକ୍ତା ସାହୁ ଓ ସେ ପାହାଲ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ସେ ଫାଣ୍ଡିରୁ କାର୍ଯ୍ୟ ସାରି ନିଜ ଘର କଟକ ଅଭିମୁଖେ ସ୍କୁଟିରେ ଯାଉଥିବାବେଳେ ପଛରୁ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଗାଡିଟି ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ଘଟଣା ଘଟାଇଥିବା ଗାଡିଟି ଫେରାର ହୋଇଯାଇଛି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମୋବାଇଲ ଜବତ, ୩ ଗିରଫ

ଚୌଦ୍ୱାର, ୧୬।୧୧ (ଡି.ଏନ୍.ଏ.): ମୋବାଇଲ ଚୋରି ଘଟଣାରେ ଚୌଦ୍ୱାର ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ନଖରା ଗ୍ରାମର ପ୍ରହ୍ଲାଦ ମଲ୍ଲିକ, ବିକାଶ ମଲ୍ଲିକ ଓ ବଉଳେଇ ସାହିର ଅଭିମନ୍ୟୁ ବେହେରା। ସେମାନଙ୍କଠାରୁ ୩ଟି ମୋବାଇଲ ଜବତ ହୋଇଛି। ଚୌଦ୍ୱାର ହାଉସିଂବୋର୍ଡ଼ କଲୋନୀର ନାରାୟଣ ସାହୁଙ୍କ ଘରୁ ମୋବାଇଲ ଫୋନ୍ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୦୦/୨୧) ରୁଜୁ କରି ପ୍ରହ୍ଲାଦଙ୍କୁ ଗିରଫ କରିଥିଲା। ତାଙ୍କ ବୟାନ ଅଧାରରେ ଅନ୍ୟ ୨ଜଣଙ୍କୁ ଗିରଫ କରାଯାଇଛି।

### ଚୌଧୁରୀ କାଶୀନାଥ ମଲ୍ଲିକ୍ ପାଇବେ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ପ୍ରତିଭା ସମ୍ମାନ

କଟକ ଅଫିସ, ୧୬।୧୧: କଟକ ଶାନ୍ତି କମିଟିର ପୂର୍ବତନ ସଭାପତି ତଥା ସାମାଜିକ କର୍ମୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସ୍ମୃତିସଭା ଚୌଧୁରୀବଜାରସ୍ଥିତ ରାମଲୀଳା ପ୍ରଚାର ସମିତି କାର୍ଯ୍ୟାଳୟରେ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଚୌଧୁରୀ କାଶୀନାଥ ମଲ୍ଲିକଙ୍କୁ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ତେଲେଙ୍ଗାବଜାରସ୍ଥିତ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି କମିଟି ସଭାପତି ଧରଣୀଧର ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ କମିଟିର କାର୍ଯ୍ୟକର୍ତ୍ତା ଗୋପାଳ ଚନ୍ଦ୍ର ମିଶ୍ର, କୁଳମଣି ପଣ୍ଡା, ପ୍ରସନ୍ନ ମହାପାତ୍ର, ଆଇନଜୀବୀ ଆକାଶ ଭୂୟାଁ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଦେବୀପ୍ରସନ୍ନ ମହାପାତ୍ର, ବିଭୁ ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୫ ବନ୍ଧୁକ, କାର୍ ଜବତ: ୩ ଗିରଫ

କଟକ ଅଫିସ, ୧୬।୧୧

ଚୋରା ବନ୍ଧୁକ କାରବାର ଅଭିଯୋଗରେ ଲାଲବାଗ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ସୁଜିତ୍ କୁମାର ସ୍ୱାଇଁ(୪୨), ତୋଟାପଡାର ସୌଭାଗ୍ୟ ଜେନା(୩୩) ଓ ବାଇଜଙ୍ଗାର ଦିବ୍ୟସ୍ୱରୂପ ସାହୁ(୩୨)। ସେମାନଙ୍କଠାରୁ ୫ଟି ବନ୍ଧୁକ, ୩୦ ଗୁଳି, ଗୋଟିଏ କାର ଓ ୩ ମୋବାଇଲ ଫୋନ୍ ଜବତ କରାଯାଇଥିବା ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂହ କହିଛନ୍ତି।

ଡିସିପିଙ୍କ ସୂଚନା ଅନୁଯାୟୀ, ସୁଜିତ୍ ଦୀର୍ଘଦିନ ହେବ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କରୁଥିଲେ। ଏପରି କି ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ଅଭିଯୋଗରେ ରାଜ୍ୟର ବିଭିନ୍ନ ଥାନାରେ ତାଙ୍କ ନାଁରେ ୧୫ଟି ମାମଲା ରହିଛି। ସୋମବାର ସନ୍ଧ୍ୟାରେ ସୁଜିତ୍ ଓ ତାଙ୍କ ଦୁଇ ସହଯୋଗୀ ସୌଭାଗ୍ୟ, ଦିବ୍ୟସ୍ୱରୂପ ଗୋଟିଏ କାରରେ ଭୁବନେଶ୍ୱରରୁ ତ୍ରିଶୁଳିଆ ଦେଇ କଟକ ଆସୁଥିଲେ। ଏ ସମ୍ପର୍କରେ ଖବର ମିଳିବା ପରେ ଲାଲବାଗ ଥାନାଧିକାରୀ ରବି



ଜବତ ବନ୍ଧୁକ, ଗୁଳି ଓ ଗିରଫ ୪ ଅଭିଯୁକ୍ତ।

### ଚୋରା ବନ୍ଧୁକ ବିକ୍ରି ପାଇଁ ଆସି ଧରାପଡ଼ିଲେ

ନାରାୟଣ ଭଞ୍ଜ ସଦଳବଳ ନେତାଜୀ ସେତୁ ଉପରେ ଜଗି ରହିଥିଲେ। କାର୍‌ଟି ସେଠାରେ ପହଞ୍ଚିବା ପରେ ପୋଲିସ ଟିମ୍ ଯାଞ୍ଚ କରିବାରୁ ଅଭିଯୁକ୍ତଙ୍କ ପାଖରୁ ବନ୍ଧୁକ ଓ ଗୁଳି ମିଳିଥିଲା। ପରେ ଥାନାକୁ ଆଣି ଜେରା କରିବାରୁ କଟକର ଜଣେ କୁଖ୍ୟାତ ଅପରାଧୀଙ୍କୁ ଉକ୍ତ ବନ୍ଧୁକ ବିକ୍ରି କରିବା ଉଦ୍ଦେଶ୍ୟରେ ଆସିଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ଏବେ ସେହି ଅପରାଧୀକୁ ଧରିବା ଲାଗି ଜୋରଦାର ଉଦ୍ୟମ ଜାରି ରଖିଛି। ପୂର୍ବରୁ ସୌଭାଗ୍ୟ ନାଁରେ ୬ ଓ ଦିବ୍ୟସ୍ୱରୂପ ନାଁରେ ଦୁଇଟି ମାମଲା ରହିଥିବା ଡିସିପି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସିପି ତାପସ ପ୍ରଧାନ ଓ ଲାଲବାଗ ଥାନା ଅଧିକାରୀ ଭଞ୍ଜ ଉପସ୍ଥିତ ଥିଲେ।

# ନଦୀଘାଟରେ ସାମୂହିକ ଡଙ୍ଗା ଭସାଣକୁ ମନା

କଟକ ଅଫିସ, ୧୬।୧୧

କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ପାଇଁ ବିଭିନ୍ନ ନଦୀଘାଟରେ ଲୋକଙ୍କ ଭିଡ ଲାଗିଥାଏ। ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏ ନେଇ କଟକଣା ଜାରି କରାଯାଇଛି। ଜିଲାର ନଦୀ ଓ ଜଳାଶୟରେ ସାମୂହିକ ଭାବେ ଲୋକମାନେ ଡଙ୍ଗା ଭସାଇ ପାରିବେ ନାହିଁ ବୋଲି ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ସ୍ପଷ୍ଟ କରିଛନ୍ତି। ବ୍ୟକ୍ତିଗତ ଭାବରେ ଏହି ଉତ୍ସବକୁ ପାଳନ କରିହେବ। ବର୍ତ୍ତମାନ କରୋନା ବିପଦ ସମ୍ପୂର୍ଣ୍ଣ ଭାବେ ଟଳିନି। ଏବେ ଆହୁରି ସତର୍କ ରହିବାକୁ ପଡିବ। ତେଣୁ ଜିଲାରେ ଏକତ୍ରିତ ହୋଇ କୌଣସି ଉତ୍ସବ ପାଳନ କରିବାକୁ ଜିଲାପାଳ ବାରଣ କରିଛନ୍ତି।

# ‘ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ’

କଟକ ଅଫିସ, ୧୬।୧୧

ପୃଥିବୀର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ଭିନ୍ନଭିନ୍ନ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ସୃଷ୍ଟି ହୁଏ ବୋଲି ମର୍କତନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସମୀଚୀନ ପକ୍ଷରୁ ମର୍କତନଗରଠାରେ ବିଶ୍ୱ ସହିଷ୍ଣୁତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପରିଣୀତା ଦାସ, ଡ. ପବିତ୍ର ମହାନ୍ତି, ରାମଚନ୍ଦ୍ର ଦାସ, ଲୋପିତା ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ମହାରଣା ଧନ୍ୟବାଦ ଦେଇଥିଲେ।

# କଳିଙ୍ଗ ବାଲିସଙ୍ଗମର ୨ ସିଜିନ

ଭୁବନେଶ୍ୱର, ୧୬।୧୧

ଓଡିଶା-ବାଲି ମଧ୍ୟରେ ବହୁ ପୁରାତନ କାଳରୁ ସମ୍ପର୍କ ରହି ଆସିଛି। ସେହି ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ ଫାଉଣ୍ଡେଶନ (କେୱାଇଏଫ) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଉଭୟ ରାଷ୍ଟ୍ରର ସମ୍ପର୍କକୁ ଏକ ସରଳରେଖା ବାନ୍ଧି ରଖିବା ପାଇଁ କେୱାଇଏଫ କଳିଙ୍ଗ ବାଲିସଙ୍ଗମର ୨-ସିଜିନ ୧୮ ନଭେମ୍ବର ଠାରୁ ଶୁଭାରମ୍ଭ କରୁଛି। ଏହି ଅବସରରେ ବହୁ ବରିଷ୍ଠ ପଦାଧିକାରୀ ସାଙ୍ଗକୁ ଅନେକ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ବୋଲି ଏକ ସାମ୍ବାଦିକ ସମ୍ମଳନୀ ଜରିଆରେ କେୱାଇଏଫର ଅଧ୍ୟକ୍ଷ ବିଭୁପ୍ରସାଦ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ସେହିଭଳି ଉଭୟ ଦେଶର ବଡ ବଡ ପଦାଧିକାରୀ ସାଙ୍ଗକୁ ରାଜ୍ୟ ସରକାରଙ୍କ ପ୍ରମୁଖ ଅଧିକାରୀ ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବାର ସୂଚନା ରହିଛି ବୋଲି ସ୍ୱାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅମିତ ନାୟକ, ବିଭୂ ରଞ୍ଜନ ସ୍ୱାଇଁ ଏବଂ ଅଶ୍ୱିନୀ କର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

କଟକ ଅଫିସ, ୧୬।୧୧

ବିଭିନ୍ନ ଦାବି ନେଇ ଇପିଏଫ୍ ପେନସନର୍ସ ଆସୋସିଏଶନ କଟକ ଜିଲା କମିଟି ପକ୍ଷରୁ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କଚେରିଗଡାରେ ସମବେତ ହୋଇ ନାଗରିକମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦକ ବିନୋଦ ବେହେରା, ଏଆଇଟିୟୁସି ପକ୍ଷରୁ ଅମରେନ୍ଦୁ ମହାନ୍ତି, ସିଟୁର ନେତା ରବିନାରାୟଣ ମଲ୍ଲିକ, ପୋଷ୍ଟାଲ କର୍ମଚାରୀ ନେତା ରବୀନ୍ଦ୍ରନାଥ ଧଳ ପ୍ରମୁଖ ଯୋଗଦେଇ ଦାବିପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ପ୍ରଦୀପ ସାହୁ, ଧୀରେନ୍ଦ୍ର ପ୍ରତାପ, ରବୀନ୍ଦ୍ର ପରିଡା, ସୁକାନ୍ତ ସ୍ୱାଇଁ, ଅଗାଧୁ ପ୍ରଧାନ, ବିଜୟ ନାୟକ, ଦେବେନ୍ଦ୍ର ସାହୁ, ଅଲେଖ ଚରଣ ରାଉତ, ବୁଲେଇ ବେହେରା, ବନମାଳି ବେହେରା ପ୍ରମୁଖ ଯୋଗଦେଇଥିଲେ।




ଇପିଏଫ୍ ପେନସନର୍ସ ଆସୋସିଏଶନ କଟକ ଜିଲା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

# ଆଜାଦୀ କା ଅମୃତ ମହୋତ୍ସବ

କଟକ ଅଫିସ, ୧୬।୧୧

ଶୈଳବାଳା ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆକାଶବାଣୀ କଟକ କେନ୍ଦ୍ର ସହ ଶୈଳବାଳା ରେଞ୍ଜର ଟିମ୍ ସହଭାଗିତାରେ ଆଜାଦୀ କା ଅମୃତ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆକାଶବାଣୀ କଟକର ନିର୍ଦ୍ଦେଶକ ତରୁଣକାନ୍ତି ରାଉତ, ରଣଜିତ୍ ପ୍ରଧାନ, ଡ. ଚିତ୍ତରଞ୍ଜନ ପଣ୍ଡା, ପୁଷ୍ପାଞ୍ଜଳି ମଲ୍ଲିକ, ଆରାଧନା ନାୟକ, ଦେବୀକାରାଣୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ

କଣ୍ଟାପଡା, ୧୬।୧୧ (ଡି.ଏନ.ଏ.)

### ଏଲ୍‌ଇଡି ଲାଇଟ୍ କିଣାରେ ଦୁର୍ନୀତି ମାମଲା

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବଡପାଟସୁନ୍ଦରପୁର ପଞ୍ଚାୟତରେ ରାସ୍ତା ଆଲୋକିକରଣ ପାଇଁ ଏଲ୍‌ଇଡି ଲାଇଟ୍ କିଣାରେ ଦୁର୍ନୀତି ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଲୋକାୟୁକ୍ତଙ୍କ କୋର୍ଟରେ ବିଚାର ହୋଇ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ରାୟ ଦିଆଯାଇଥିଲା। ମାତ୍ର ଏହି ତଦନ୍ତ ରିପୋର୍ଟ ଠିକ୍ ନଥିବା ଦର୍ଶାଇ ଆବେଦନକାରୀଙ୍କ ଓକିଲ କୋର୍ଟଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମାମଲାର ଗୁରୁତ୍ୱକୁ ବିଚାର କରି ଆଉଜଣେ ଅଫିସରଙ୍କ ଦ୍ୱାରା ଦୁର୍ନୀତିର ପୁନଃ ତଦନ୍ତ କରାଯାଇ ରିପୋର୍ଟ ଦାଖଲ ପାଇଁ କୋର୍ଟ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି। ୧୮।୩।୨୦୨୨ରେ ଏହି ମାମଲାର ବିଚାର ହେବ। ସୂଚନାଯୋଗ୍ୟ, ସରକାରୀ ନିୟମକୁ ଉଲ୍ଲଂଘନ କରି ଏହି ଲାଇଟ୍ କିଣାରେ ୪,୬୦.୭୨୪ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ପାଟସୁନ୍ଦରପୁର ପଞ୍ଚାୟତର ସାମାଜିକ କର୍ମୀ ଶରତ ପରିଡା ଲୋକାୟୁକ୍ତଙ୍କ କୋର୍ଟରେ ଅଭିଯୋଗ କରିଥିଲେ।

# ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

କଟକ ଅଫିସ, ୧୬।୧୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଏହାର ଚତୁଃପାର୍ଶ୍ୱରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର ସିଏମ୍‌ସି ପକ୍ଷରୁ ଯୋବ୍ରା ସ୍ଥିତ ବୋଷ ଖେଳପଡିଆ ରିଂ ବନ୍ଧ ରାସ୍ତା ପାର୍ଶ୍ୱରେ ଥିବା ବସ୍ତି ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନରୁ ୪୦ ପରିବାରକୁ ନେଇ ବାଲିସାହିରେ ଥଇଥାନ କରାଯାଇଛି। ସେମାନଙ୍କୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ ୮ଦିନ ପାଇଁ ରନ୍ଧାଖାଦ୍ୟ ପ୍ରଦାନ କରାଯିବ ବୋଲି ସିଏମ୍‌ସି ଅଧିକାରୀ ପଞ୍ଚାନନ ପାଲ ସୂଚନା ଦେଇଛନ୍ତି ।

# ୨୦୨୩ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ ଅଫିସ, ୧୬।୧୧

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ କଟକ ଜିଲାର ନରଣପୁରରେ ନିର୍ମାଣାଧୀନ ବାସଗୃହ ପ୍ରକଳ୍ପ ଅଞ୍ଚଳ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସେ ପ୍ରକଳ୍ପ ସବିଶେଷ ତଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ନରଣପୁରରେ ସହରାଞ୍ଚଳ ସୁଲଭ ଆବାସିକ ନୀତି, ୨୦୧୫ ଅନୁଯାୟୀ ପିପିପି ମୋଡ୍‌ରେ ଏହି ପ୍ରକଳ୍ପର ବିକାଶ ୭.୮୪ ଏକରରେ କରାଯାଉଛି। ଏହି ଅଞ୍ଚଳ ପାଇଁ ଡ୍ରେନେଜ୍ ସୁବିଧା ଏବଂ ମୁଖ୍ୟ ଡ୍ରେନ୍ ସହିତ ଏହାର ସଂଯୋଗ କରିବାକୁ ଅଧ୍ୟକ୍ଷ କହିଥିଲେ। ଏଥିସହ ନିର୍ମାଣ କାର୍ଯ୍ୟସୂଚୀର ଏକ ଅପଡେଟ୍ ବାର୍ ଚାର୍ଟ ଦାଖଲ କରିବା ଓ ୨୦୨୩ ସୁଦ୍ଧା କାର୍ଯ୍ୟ ସାରିବାକୁ ସେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ‘ଉତ୍ତମ ଚିକିତ୍ସାରୁ ରୋଗୀ ବଞ୍ଚିତ ନ ହୁଅନ୍ତୁ’



ରଜତ ଜୟନ୍ତୀ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

କଟକ ଅଫିସ, ୧୬।୧୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପୂର୍ବ ଭାରତର ଏକ ସର୍ବୋତ୍ତମ ଭେଷଜ ବିଜ୍ଞାନ ମହାବିଦ୍ୟାଳୟ ଭାବେ ପ୍ରସିଦ୍ଧିଲାଭ କରିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା ସଙ୍ଗେ ସଙ୍ଗେ ଉତ୍ତମ ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ବିଧାନସଭାରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଏକ ବିଧେୟକ ପାରିତ ହୋଇଛି । ଆଗାମୀ ୬ମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହେବା ଆଶା କରାଯାଉଛି ବୋଲି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଛନ୍ତି। ଏସ୍‌ସିବି ମେଡିକାଲ କଲେଜର ପୁରୁଣା ଅଡିଟୋରିୟମରେ ଅନୁଷ୍ଠିତ ରଜତ ଜୟନ୍ତୀ ଉତ୍ସବରେ ବିଧାୟକ ମିଶ୍ର କହିଥିଲେ, କୌଣସି ରୋଗୀ ଉତ୍ତମ ଚିକିତ୍ସାରୁ ଯେଭଳି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ସେହିପରି ଅନ୍ୟତମ ଅତିଥି ଏମ୍‌ପି ସଙ୍ଗୀତା ସିଂଦେଓ କହିଥିଲେ, ଏସ୍‌ସିବିରେ ଅତ୍ୟନ୍ତ ଜଟିଳ ଚିକିତ୍ସା ପଦ୍ଧତି ଆପଣାଇ ଉନ୍ନତମାନର ସେବା ଯୋଗାଇ ଦିଆଯାଉଛି। ଏଥିରେ ଅନ୍ୟତମ ଅତିଥି ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କହିଥିଲେ, ଡାକ୍ତରମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଜନସାଧାରଣଙ୍କ ନିରବଚ୍ଛିନ୍ନ ସହଯୋଗ କୋଭିଡ ମାହାମାରୀକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିଛି। ରାଜ୍ୟ ସରକାରଙ୍କର ସାମୁହିକ ଟିକାକରଣ ପାଇଁ ଆନ୍ତରିକ ଉଦ୍ୟମ ଏହି ପ୍ରଚେଷ୍ଟାକୁ ସଫଳ କରିପାରିଛି। ବୃତ୍ତିଗତ ଦକ୍ଷତାକୁ ପାଥେୟ କରି ଡାକ୍ତରମାନେ ନିଷ୍ଠାର ସହ ସେବା ଯୋଗାଉଥିବାରୁ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇପାରିଛନ୍ତି ବୋଲି ସେ କହିଥିଲେ। ଏସ୍‌ସିବି ଅଧ୍ୟକ୍ଷ ତଥା ଡିନ୍ ଦଣ୍ଡେଶ୍ୱର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଟକରେ ଆମ୍ରି ସୁପରସ୍ପେଶାଲିଟି କ୍ଲିନିକ



କଟକ ଅଫିସ, ୧୬।୧୧

ଆମ୍ରି ହସ୍ପିଟାଲସର ଯୋଗାଯୋଗ କେନ୍ଦ୍ର ଏବଂ ସୁପର ସ୍ପେଶାଲିଟି କ୍ଲିନିକ କଟକରେ ଖୋଲିଛି। ସ୍ଥାନୀୟ ଲିଙ୍କ୍‌ରୋଡ ସ୍ଥିତ ଗ୍ରାଣ୍ଡ ଡାଇଗ୍ନୋଷ୍ଟିକ କ୍ଲିନିକରେ ମଙ୍ଗଳବାର ଏହାର ଶୁଭାରମ୍ଭ କରାଯାଇଛି। ଆମ୍ରିର ଡାକ୍ତରମାନଙ୍କ ଦ୍ୱାରା ପ୍ରତି ସପ୍ତାହରେ ସୁପର ସ୍ପେଶାଲିଟି ବହିର୍ବିଭାଗ ପରାମର୍ଶ ଏଠାରେ ଆରମ୍ଭ ହୋଇଛି। କଟକ ଏବଂ ଏହାର ଆଖପାଖରେ ରହୁଥିବା ଲୋକଙ୍କ ପାଇଁ ଡାକ୍ତରୀ ପରାମର୍ଶ ଏବଂ କ୍ଲିନିକାଲ ସେବା ପ୍ରଦାନ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଆମ୍ରି ହସ୍ପିଟାଲ୍ସର ଗ୍ରୁପ ସିଇଓ ରୂପକ ବରୁଆ କହିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଆମ୍ରି ହସ୍ପିଟାଲ୍ସ ଓ ଗ୍ରାଣ୍ଡ ଡାଇଗ୍ନୋଷ୍ଟିକ ଏବଂ କ୍ଲିନିକର ଏହି ସହଯୋଗିତା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ହସ୍ପିଟାଲର ଭୁବନେଶ୍ୱର ୟୁନିଟ ମୁଖ୍ୟ ନିଲଞ୍ଜନା ମୁଖାର୍ଜୀ, ଗ୍ରାଣ୍ଡ ଡାଇଗ୍ନୋଷ୍ଟିକ ଏବଂ କ୍ଲିନିକର ସ୍ୱତ୍ୱାଧିକାରୀ ନବୀନ ମହାନ୍ତି, ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ, ୧୬।୧୧ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀର ସହକାରୀ ଜିଲାପାଳ ଦେବେନ୍ଦ୍ର ନାଥ ଖଟୁଆ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ସରଣ୍ଡା ଅଂଶୁପା କନିଷ୍ଠ କଲେଜରେ ଅଧ୍ୟକ୍ଷ ପ୍ରଦୀପ ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡମପଡ଼ା ତହସିଲଦାର କ୍ଷିତିସ ବେହେରା ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

